




## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଲ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଭାରତୀୟ ପରମ୍ପରାରେ ଧୋତି

ଦିନ ଥିଲା, ଭାରତୀୟ ଜନ-ଜୀବନରେ ଧୋତିର ଖୁବ୍ ଆଦର ଥିଲା - ଗୁରୁତ୍ୱ ଥିଲା । ଇଷ୍ଟ ଇଣ୍ଡିଆ କଂପାନୀ (ଇଂରେଜମାନେ) ବେପାର କରିବା ପାଇଁ ଭାରତ ଆସିବା ପୂର୍ବରୁ ଧୋତି ଭାରତୀୟମାନଙ୍କର ପରିଧାନ ଥିଲା। ପୋଷାକ ଯେ ଅନେକ ପବିତ୍ରତା ଓ ସ୍ୱଚ୍ଛତା ଆଣିଦିଏ ଏଥିରେ ସନ୍ଦେହ ନାହିଁ। ଏହା ମଧ୍ୟ ମନକୁ ଦୃଢ଼ କରେ ଆଉ ମନ ଭିତରେ ନିଜକୁ ନେଇ କିଛି କରିବାର ସଂକଳ୍ପ ସୃଷ୍ଟି କରେ। ଅନ୍ୟକୁ ଦେଖି ଶିଖିବା ମଣିଷର ଏକ ସହଜାତ ପ୍ରବୃ ି। କିନ୍ତୁ ଭଲଟାକୁ ଦେଖି ଶିଖିବାର ଇଚ୍ଛା ମନ ଭିତରେ ରହିବା ଆବଶ୍ୟକ। ସ୍କୁଲ କିମ୍ବା କଲେଜ ଛାତ୍ରଟିଏ ତା'ର ପୋଷାକ ପରିଧାନ କଲେ, ମନ ଭିତରେ ମୁଁ ଜଣେ ଛାତ୍ର ସେହି ଚିନ୍ତାଧାରା ରହିବା ସଙ୍ଗେ ସଙ୍ଗେ ନିଜେ କ ର୍ବ୍ୟପରାୟଣ ହୁଏ। ଜଣେ ସେନା ଅଧିକାରୀ କିମ୍ବା ପୋଲିସ୍ ଅଧିକାରୀ ନିଜ ନିଜର ପୋଷାକ ପିନ୍ଧିଲେ ମନ ଭିତରେ ସେହି ପ୍ରକାରର ଦୃଢ଼ତା ଆସେ, ଯାହା ସେମାନଙ୍କୁ ସେମାନଙ୍କର କ ର୍ବ୍ୟ ପ୍ରତି ମମତ୍ୱବୋଧ ସୃଷ୍ଟି କରାଏ। ଆଗରୁ ଆପଣ ଦେଖିଥିବେ ନେତାମାନଙ୍କର ପୋଷାକ ଥିଲା ଧୋତି ଆଉ ପଞ୍ଜାବୀ। ଏହି ପୋଷାକ ଭିତରେ ସେମାନେ ଥିଲେ ଭଦ୍ର। ସେମାନଙ୍କର ଆଚରଣ ଆଉ ଉଚ୍ଚାରଣ ମଧ୍ୟ ଥିଲା ସେହି ପ୍ରକାରର। ସେବା କରିବାର ମନୋବୃ ି ନେଇ ସେମାନେ ରାଜନୀତି କରୁଥିଲେ। ଯେଉଁଦିନ ନେତାମାନଙ୍କର ପୋଷାକ ଧୋତି-ପଞ୍ଜାବୀ ପରିବ ର୍ େପ୍ୟାଣ୍ଟ-ସାର୍ଟ ହୋଇଗଲା, ସେମାନଙ୍କର ଚରିତ୍ର ମଧ୍ୟ ବଦଳିଗଲା। ସେମାନେ ମାନବସେବାକୁ ଆତ୍ମସେବା ମନେକଲେ। ଏହି ପୋଷାକ ସେମାନଙ୍କର ସ୍ୱଭାବ-ଚରିତ୍ର ଆଉ କାର୍ଯ୍ୟଧାରାକୁ ମଧ୍ୟ ବଦଳାଇ ଦେଲା। ସେମାନେ ସମାଜର ସବୁଠାରୁ ଘୃଣ୍ୟବ୍ୟକ୍ତି ହୋଇଗଲେ। ଅବଶ୍ୟ ଦେଖାଇହେବା ପାଇଁ ସେମାନେ ଅନେକ ସମୟରେ ଧୋତି ପିନ୍ଧନ୍ତି। ଏହାଦ୍ୱାରା ଲୋକେ ତାଙ୍କୁ ନୀଳବର୍ଣ୍ଣ ଶୃଗାଳ ବ୍ୟତିତ ଅନ୍ୟ କିଛି ଭାବନ୍ତି ନାହିଁ । ଏ କଥା ସେମାନେ ବୁଝି ମଧ୍ୟ ବୁଝିପାରନ୍ତି ନାହିଁ। ଏହି ପ୍ୟାଣ୍ଟ ସେମାନଙ୍କୁ ସେବାଠାରୁ ଦୂରେଇ ଦେଲା। ଏହି ପ୍ୟାଣ୍ଟ ପିନ୍ଧା ନେତାମାନେ ଯଦି ନିଜକୁ ଆଗରୁ ସେହି ଧୋତି ପିନ୍ଧା ନେତାମାନଙ୍କ ସହିତ ତୁଳନା କରନ୍ତି, କେତେ ଭଲ ହୁଅନ୍ତା ସତରେ। ସବୁ ସତ୍ୟ ଜଳ ଜଳ କରି ସେମାନଙ୍କ ସାମନାକୁ ଆସନ୍ତା। ଧୋତିଟିଏ ପିନ୍ଧିଲେ ମୁଁ ଯେ ଜଣେ ସାଧାରଣ ମଣିଷ ଏହି ଧାରଣା ମନ ଭିତରେ ରହିବା ସଙ୍ଗେ ସଙ୍ଗେ ନିଜ ଭିତରକୁ ଅହଂକୁ ପ୍ରବେଶ କରିବାକୁ ଦିଏନାହିଁ। ଆମର ପୁରାଣ-ଶାସ୍ତ୍ର ଓ ପରମ୍ପରା ଯାହା କୁହେ ଆମ୍ଭେ ଭାରତୀୟମାନେ ଶାନ୍ତ-ଶିଷ୍ଟ ସରଳ-ଭଦ୍ର ଆଉ ନମ୍ର। ଏହି ଗୁଣଗୁଡ଼ିକ ଆମର ମୌଳିକତା। ଅହଙ୍କାର ପ୍ରତ୍ୟେକ ମଣିଷର ଏକ ବାହ୍ୟରୂପ। ଏହା ମଣିଷ ସହିତ ନଥାଏ। ଏହା ବାହାରୁ ଆସେ ଆଉ ସୁବିଧା ସୁଯୋଗ ପାଇଲେ ନିଜର ଆସନ ଜମାଇବସେ। ଧୋତିଟିଏ ପିନ୍ଧିଲେ ମନ ଆପେ ଆପେ ସରଳ ହୋଇଯାଏ-କିନ୍ତୁ ଦୃଢ଼ତା ଆସେ। ସେ ମନ କେବେ କାହାକୁ ଈର୍ଷା କରେନା। ସେ ମନ ଋହେଁ ସବୁ ସମୟରେ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ। ଅନେକ ସମୟରେ ଦେଖିବେ ଏହି ପ୍ୟାଣ୍ଟ ପିନ୍ଧା ବାବୁମାନେ ସେମାନଙ୍କର ବିବାହ - ବ୍ରତ ଇତ୍ୟାଦି ଉତ୍ସବମାନଙ୍କରେ ଧୋତିଟିଏ ପିନ୍ଧିଥିବେ। ଏହାର କାରଣ ସେହିଦିନ ସେମାନେ ନିଜ ଘରକୁ ଅନ୍ୟମାନଙ୍କୁ ନିମନ୍ତ୍ରଣ କରିଥିବାରୁ ନିଜେ ଭଦ୍ର ଓ ନମ୍ର ହେବାକୁ ଋହାଁନ୍ତି। ଏହାଦ୍ୱାରା ସେମାନେ ସ୍ୱୀକାର କରନ୍ତି ଯେ ଧୋତି ସେମାନଙ୍କୁ ଭଦ୍ର ଓ ନମ୍ର କରିଦିଏ।

ସମୟ ସବୁବେଳେ ଗତିଶୀଳ। ଏହା କେବେ କୌଣସି ପରିସ୍ଥିତିରେ ମଧ୍ୟ ଅଟକେ ନାହିଁ। ଆଉ ବଦଳିବା ମଧ୍ୟ ଏହି ସମୟର ଏକ ଆହ୍ୱାନ। ସେ ଆହ୍ୱାନ ସମସ୍ତଙ୍କ ପାଇଁ। କିନ୍ତୁ ଯେଉଁମାନେ ଦୃଢ଼ମନା, ଦୃଢ଼ଚେତା ସେମାନଙ୍କୁ ସମୟ ବଦଳାଏ - ସଂପୂର୍ଣ୍ଣ ବଦଳାଇ ପାରେନା। ସେମାନେ ସେମାନଙ୍କର ନିଜ ନିଜର ଆଦର୍ଶରେ ଥାଆନ୍ତି। ଏଠାରେ ଗୋଟିଏ ଉଦାହରଣ ଦେବାକୁ ଉଚିତ ମନେ କରୁଛି। ମହାତ୍ମାଗାନ୍ଧୀ ରାଜନୀତିକୁ ଆସିବା ପୂର୍ବରୁ ପ୍ୟାଣ୍ଟ-ସାର୍ଟ ପିନ୍ଧୁଥିଲେ। ଯେତେବେଳେ ସେବା କରିବାର ମନୋବୃ ି ତାଙ୍କ ଭିତରକୁ ପ୍ରବେଶ କଲା - ସେ ପରିଧାନ କଲେ ଧୋତି। ଏହି ଧୋତି ପିନ୍ଧି ସେ ସର୍ବତ୍ର ଭାରତୀୟ ଭାବରେ ପରିଚିତ ହେବାକୁ ଉଚିତ୍ ମନେକଲେ। ସେ ଭଲ ଭାବରେ ଜାଣିଥିଲେ ପ୍ୟାଣ୍ଟ-ସାର୍ଟ ପିନ୍ଧିଲେ ସେ ଭାରତୀୟ ହୋଇପାରିବେନି କିମ୍ବା ଭାରତୀୟ ଚିନ୍ତାଧାରା, ଆଦର୍ଶ ଓ ଦର୍ଶନରେ ସେ ନିଜକୁ ଉଦ୍‌ବୁଦ୍ଧ କରିପାରିବେନି। ଯଦିବା କରନ୍ତି ଭାରତୀୟମାନେ ତାଙ୍କୁ ଗ୍ରହଣ କରିବେନି। ଏଣୁ ଏହି ଧୋତି ପିନ୍ଧି ସେ ପ୍ରବେଶ କଲେ ବିଲାତ ପାର୍ଲାମେଣ୍ଟ। ସୃଷ୍ଟିକଲେ ଏକ ଅନନ୍ୟ ପରମ୍ପରା। ଧୋତି ପିନ୍ଧିଲେ ମନ ଭିତରେ ଏକ ଦୃଢ଼ତା ଆସେ। ଭାରତୀୟ ବୋଲି ଗର୍ବ ଆସେ। ସେ ଗର୍ବ ମଣିଷକୁ ବିପଥଗାମୀ କରାଏନା-ଉଚ୍ଛାସୀନ କରାଏ। ଆମେ ଜାଣିଛନ୍ତି ଇଂରେଜମାନେ କେବଳ ବେପାର କରିବା ପାଇଁ ଭାରତ ଆସିଥିଲେ-ଦେଶ ଶାସନ ପାଇଁ ନୁହେଁ। ବେପାରୀ ଜାତି ହୋଇଥିବାରୁ ଦେଶ ଶାସନକୁ ମଧ୍ୟ ବେପାର କରିଦେଲେ, ଯାହା ଆଜି ଆମର ନେତାମାନେ କରୁଛନ୍ତି।

ଏହି ବେପାରୀ ଇଂରେଜମାନେ ଭାରତରୁ ସମସ୍ତ କଂଚାମାଲ ନେଇ ତାଙ୍କ ଦେଶରେ କାରଖାନା କରି, ପ୍ରସ୍ତୁତ ସାମଗ୍ରୀକୁ ଆମ ଦେଶର ଲୋକଙ୍କୁ ଚଢ଼ା ଦାମ୍‌ରେ ବିକ୍ରି କରୁଥିଲେ। ଏହିସବୁ ବେପାର ଭିତରେ କପା (ତୁଳା) ଥିଲା ମୁଖ୍ୟ। ସେମାନେ ଆମ ଦେଶରୁ ତୁଳା ନେଇ ତାଙ୍କ ଦେଶରେ ଲୁଗା ତିଆରି କରି ଆମକୁ ବିକ୍ରି କରି ପ୍ରଚୁର ଲାଭ କରୁଥିଲେ। ଗାନ୍ଧୀ ଯେତେବେଳେ ଆଣ୍ଠୁଲୁଚ୍ଚ ଲୁଗାଟିଏ ପିନ୍ଧି, ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ବିଲାତ ଗଲେ, ଇଂରେଜମାନେ ତାଙ୍କୁ ଖୁସି କରିବା ପାଇଁ ସେହି ଲୁଗା ମିଲ୍ ସବୁ ବୁଲାଇ ଦେଖାଇଲେ। ଏହିସବୁ ଲୁଗା ମିଲ୍ ଗାନ୍ଧୀ ଦେଖିସାରିବା ପରେ ଇଂରେଜମାନେ ତାଙ୍କର ମତାମତ ଲୋଡ଼ିଲେ। ସୋମାନେ ଭାବୁଥିଲେ ଗାନ୍ଧୀ ଖୁବ୍ ଖୁସି ହୋଇ ଯାଇଥିବେ। ଗାନ୍ଧୀ ତାଙ୍କ ଉ ରରେ କହିଲେ ମୁଁ ଭାରତକୁ ଫେରିଲେ ଭାରତରେ ଗୋଟେ ବମ୍ ପକାଇବି, ସେହି ବମ୍ ତୁମର ମିଲ୍ ସବୁ ଜାଳିପୋଡ଼ି ଧ୍ୱଂସ କରିଦେବ। ଗାନ୍ଧୀଙ୍କର କଥାକୁ ଇଂରେଜମାନେ ବୁଝିପାରିଲେ ନାହିଁ। ଗାନ୍ଧୀ ଭାରତ ଫେରିଲେ। ଭାରତମାଟିରେ ପାଦଦେବା ମାତ୍ରେ ସେ ତାଙ୍କର ବମ୍‌ଟି ନିକ୍ଷେପ କଲେ ଭାରତ ମାଟିରେ। ଏହାର କିଛିଦିନ ପରେ ବିଲାତରେ ଥିବା ସମସ୍ତ ଲୁଗା କାରଖାନା ନଷ୍ଟ ହୋଇଗଲା। ସେହି ବମ୍‌ଟି ଥିଲା "କୁଟି ଖାଅ- କାଟି ପିନ୍ଧ।"

ସମୟ ବଦଳି ଯାଇଛି। ତା' ସହିତ ବଦଳି ଯାଇଛି ଆମ୍ଭର ଉଚ୍ଚ ଚିନ୍ତାଧାରା ଆଉ ପରମ୍ପରା। ଅନ୍ୟକୁ ଦେଖି ଅନୁକରଣ କରିବାର ଓ ଶିଖିବାର ପ୍ରବୃ ି ଆମର ବଢ଼ି ଯାଇଛି। ବ ର୍ମାନର ସମାଜରେ ଧୋତିପିନ୍ଧା ଲୋକଟିର ଇଜ୍ଜତ ଆଉ ନାହିଁ କହିଲେ ଚଳେ। ପ୍ରତି ମୁହୂ ର୍ରେ ଆଉ ପ୍ରତି ପଦକ୍ଷେପରେ ଆଜିର ଲୋକେ ସେମାନଙ୍କୁ ନ୍ୟୂନ ଚକ୍ଷୁରେ ଦେଖୁଛନ୍ତି। କିନ୍ତୁ ସମୟ ଗତିଶୀଳ। ସେ ସମୟ ପୁଣି ଫେରିବ। ଧୋତି-ଆଉ ଶାର୍ଟ ତା'ର ପୂର୍ବ ସମ୍ମାନ ପୁଣି ଫେରି ପାଇବ। ସେ ସମୟ ଆଉ ବେଶି ଦୂରରେ ନାହିଁ।

**-କୈଳାଶ ଚନ୍ଦ୍ର ପଣ୍ଡା**

*ସମ୍ପାଦକ, "ପ୍ରେମ ପୃଥିବୀ", ଭଦ୍ରକ, ମୋ-୯୪୩୭୩୩୫୧୮୯*

# ବାଘ ସୁରକ୍ଷା ପ୍ରତି ଧ୍ୟାନ ଦିଅ !



ଦେଶରେ ବାଘ ମୃତ୍ୟୁ ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତୃପକ୍ଷ (ଏନଟିସିଏ) ପକ୍ଷରୁ ଗତ ସପ୍ତାହରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଚିନ୍ତାଜନକ ମଧ୍ୟ। ଗତ ୨୦୨୧ ମସିହାରେ ଦେଶରେ ୧୨୬ଟି ବ୍ୟାଘ୍ରଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। ଏହି ମୃତ ବୋଝ ମଧ୍ୟରୁ ଅର୍ଦ୍ଧେକ ତଥା ୬୦ଟି ବାଘର ମୃତ୍ୟୁ ଶିକାର, ଦୁର୍ଘଟଣା ଏବଂ ମଣିଷ-ବାଘ ଲଢେଇରେ ମୃତ୍ୟୁ ଘଟିଛି। ବିଶେଷ କରି ସଂରକ୍ଷିତ ଅଂଚଳ ବାହାରେ ଏହି ବାଘଗୁଡିକର ମୃତ୍ୟୁ ଘଟିଥିବା କୁହାଯାଇଛି। ଆହୁରି ମଧ୍ୟ ଏଥିମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୪୪ଟି ବାଘର ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ୧୬୪ଟିର ମୃତ୍ୟୁ ଘଟିଛି। ଏହା ସତ୍ୟ ଯେ, ସରକାରୀ ରିପୋର୍ଟରେ ବାଘ ମୃତ୍ୟୁ ସଂଖ୍ୟା ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ବେସରକାରୀ ରିପୋର୍ଟରେ ଏହି ସଂଖ୍ୟା ଅଧିକ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ତେବେ ବାଘ ମୃତ୍ୟୁ ନେଇ ସବୁଠାରୁ ବଡ ସମସ୍ୟା ହେଉଛି, ଦେଶରେ ଥିବା ବ୍ୟାଘ୍ର ସଂରକ୍ଷଣ ଆଭ୍ୟନ୍ତରୀଣ ବାହାରେ ୩୫ପ୍ରତିଶତ ଟାଇଗର ରେଂଜ ରହିଛି। ଯେଉଁଠାରେ ବାଘ ଶିକାର ଓ ମୃତ୍ୟୁସଂଖ୍ୟା ଅଧିକ ରହିଛି। ଆମ ରାଜ୍ୟରେ ଦୁଇଟି ବାଘ ଅଭୟାରଣ୍ୟ ରହିଛି। ଶିମିଳିପାଳ ଏବଂ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ସମ୍ପର୍କରେ ଗଣମାଧ୍ୟମରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି କୁହାଯାଇପାରିବ। ଶିମିଳିପାଳ ବାଘ ଅଭୟାରଣ୍ୟରେ ୭୩ଟି ବାଘ ନିଖୋଜ ବା ଗାଏବ ହୋଇଯାଇଥିବାବେଳେ ସାତକୋଶିଆ ବାଘ ଶୂନ୍ୟ ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଯାହାକି ଅତ୍ୟନ୍ତ ସାଂଘାତିକ। ଶିମିଳିପାଳରେ ୮୫ଟି ବାଘ ଥିବାବେଳେ ଏବେ ଆଉ ୧୨ଟି ବାଘ ଥିବା ଜଣାଯାଏ। ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶକରେ ବାଘୁଣୀ 'ଖଇରା' ଯୋଗୁଁ ଶିମିଳିପାଳ କେବଳ ଦେଶ ନୁହେଁ ବିଦେଶରେ ଖ୍ୟାତିଲାଭ କରିଥିଲା। ଏବେ ସେହି ଅଭୟାରଣ୍ୟରେ ଆଉ ମାତ୍ର ୧୨ଟି ବାଘ ଥିବାବେଳେ ଏହା ଶ୍ରୀହୀନ ତଥା ଧ୍ୱଂସାଭିମୁଖୀ ହୋଇପଡିଥିବା କହିଲେ ଭୁଲ ହୋଇନପାରେ। ଅନ୍ୟପକ୍ଷରେ ସାତକୋଶିଆରେ ବାଘ ସଂଖ୍ୟା ବଢାଇବା ପାଇଁ ମଧ୍ୟପ୍ରଦେଶରୁ ଦୁଇଟି ବାଘ ଅଣାଯାଇଥିବାବେଳେ ସେଥିରୁ ଗୋଟିଏ ଫେରାଇ ଦିଆଯିବା ଏବଂ ଅନ୍ୟଟିର ମୃତ୍ୟୁ ଘଟିବା କାହାରିକୁ ଅଛପା ନାହିଁ। ବାଘ ସଂରକ୍ଷଣ ତଥା ବାଘ ବଂଶ ବୃଦ୍ଧି ପାଇଁ ସରକାରୀ ସ୍ତରରେ କେତେ ଆନ୍ତରିକତା ରହିଛି, ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ। ସେହିପରି ଆମ ରାଜ୍ୟରେ ବାଘ ଚମଡା ଜବତ ଘଟଣାରୁ ବାଘ ସୁରକ୍ଷା ପ୍ରତି ବନବିଭାଗ କେତେ ତତ୍ପର ତାହା ମଧ୍ୟ ସୁସ୍ପଷ୍ଟ। ଏହା ସତ୍ୟ ଯେ, ବାଘ ହେଉଛି ଆମର ଜାତୀୟ ପଶୁ। ଏହାର ସୁରକ୍ଷା ପାଇଁ ଅଭୟାରଣ୍ୟ ରହିଛି, ବିଭାଗ ରହିଛି, କଠୋର ଆଇନ ରହିଛି। ଏହାସତ୍ତ୍ୱେ ଯେପରି ବାଘ ମୃତ୍ୟୁ ସଂଖ୍ୟା ବଢିଚାଲିଛି, ବାଘ ବଂଶ ଯେ ଏବେ ବିପଦରେ ଏହା ସ୍ୱୀକାର କହିବାକୁ ହେବ।



ବେଳେ ଏହାପଛକୁ ମହାରାଷ୍ଟ୍ରରେ ୨୬ଟି, କର୍ଣ୍ଣାଟକରେ ୧୪ଟିର ମୃତ୍ୟୁ ଘଟିଛି। ସେହିପରି ଓଡ଼ିଶାରେ ବର୍ଷକ ମଧ୍ୟରେ ୨୭ଟି କଲାରାପତରିଆ ବାଘର ଚମଡା ବନ ବିଭାଗ ଜବତ କରିଛି। ଏହି ଘଟଣାରେ ବନବିଭାଗ ଏବଂ ପୋଲିସ ୬୦ଜଣଙ୍କୁ ଗିରଫ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ସଂରକ୍ଷିତ ଅଂଚଳ ବାହାରେ ଏହି ବାଘଗୁଡିକୁ ଶିକାର କରାଯାଇଥିବା ଆଶଙ୍କା କରାଯାଏ। ଅନ୍ୟପକ୍ଷରେ ଦେଶରେ ବାଘମୃତ୍ୟୁ ନେଇ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ୨୦୧୨ରୁ ୨୦୨୧ ମଧ୍ୟରେ ଦେଶରେ ବାର୍ଷିକ ହାରାହାରୀ ୯୮ଟି ବାଘର ମୃତ୍ୟୁ ଘଟୁଛି। ଏହି ମୃତ୍ୟୁ ମଧ୍ୟରେ ବୟସାଧିକ କାରଣ, ରୋଗ, ଶିକାର, ଦୁର୍ଘଟଣା, ବାଘ-ମଣିଷ ଲଢେଇ ଆଦି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ପ୍ରତିବର୍ଷ ଜାତୀୟ ବାଘ ସଂରକ୍ଷଣ କର୍ତୃପକ୍ଷଙ୍କ ଦ୍ୱାରା ବାଘ ଗଣନା କରାଯାଇଥାଏ। ୨୦୧୮ ମସିହାର ଗଣନା ଅନୁଯାୟୀ ଦେଶରେ ମୋଟ ବାଘ ସଂଖ୍ୟା ୨୯୬୭ ଥିବାବେଳେ ୨୦୧୪ ମସିହାରେ ୨୨୨୬ ଥିଲା। ଯାହାକି ଶିକାର, ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ସତ୍ତ୍ୱେ ଦେଶରେ ବାଘ ସଂଖ୍ୟା ବୃଦ୍ଧି ପାଇଥିବା ସଂକେତ ପ୍ରଦାନ କରିଛି। ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ଟି ବାଘ ଥିବା ଗଣନାରୁ ଜଣାପଡିଥିବା ବେଳେ ଦ୍ୱିତୀୟ ସ୍ଥାନରେ କର୍ଣ୍ଣାଟକ ରହିଛି, ଯେଉଁଠି ୫୨୪ଟି ବାଘ ଅଛନ୍ତି। ସେହିପରି ଉତରାଖଣ୍ଡରେ ୧୪୪ଟି ବାଘ ଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ବାଘ ମୃତ୍ୟୁ ନେଇ ବନ୍ୟଜନ୍ତୁ ସଂରକ୍ଷଣ ସୋସାଇଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ରତିବର୍ଷ ଦେଶରେ ବାଘ ମୃତ୍ୟୁ ସଂଖ୍ୟା ବଢିଚାଲିଛି। ପୂର୍ବବର୍ଷ ତୁଳନାରେ ୨୦୨୧ରେ ୪୮ ପ୍ରତିଶତ ବାଘ ମୃତ୍ୟୁ ଘଟିଛି। ୨୦୨୦ରେ ୧୧୧ଟି ବାଘର ମୃତ୍ୟୁ ଘଟିଥିବା

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ଭାଇକୁ ହାଣିଲା ଭାଇ, ଗୁରୁତର ଅବସ୍ଥାରେ ମେଡିକାଲରେ ଭ ର୍

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ନିଲିଗୁଡା ପଂଚାୟତ ଅନ୍ତର୍ଗତ ଚେରକୁଗୁଡା ଗ୍ରାମରେ ଜଣେ ବ୍ୟକ୍ତି କ୍ରୋଧରେ ଜର୍ଜରିତ ହୋଇ ନିଜ ଭାଇକୁ ଧାରୁଆ କାତିରେ କାଟି ରକ୍ତାକ୍ତ କରି ଦେଇଥିବା ଦେଖିବାକୁ ମିଳିଛି। ଏହାପରେ କ୍ରୋଧ ଜର୍ଜରିତ ଭାଇ ଧାରୁଆ ଅସ୍ତ୍ର ଧରି ଗ୍ରାମରେ ବୁଲିବାରୁ ଗ୍ରାମବାସୀ ଭୟଭୀତ ହୋଇ ସ୍ଥାନୀୟ ପୋଲିସକୁ ଖବର ଦେବାରୁ ପୋଲିସ ପହଂଚି ପୀଡ଼ିତକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଭଳି ଲୋମଟାଙ୍କୁରା ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଥିବା ବେଳେ ପୋଲିସ ଅଭିଯୁକ୍ତ ଭାଇକୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୬ଟା ବେଳେ ଚେରକୁଗୁଡା ଗ୍ରାମର ମାଳା ମାଡ଼ି ନିଜର କକାର ପୁଅ ରାମାଙ୍କୁ ପୂର୍ବରୁ ହୋଇଥିବା ଝଗଡାକୁ କେନ୍ଦ୍ର କରି ଗାଳିଗୁଲଜ କରିବା ସହ ଅଚାନକ ଏକ ଧାରୁଆ କାତିରେ ରାମାର ଗଳା, ଛାତି ଓ ପିଠିକୁ ହାଣିଥିଲା । ରାମା ରକ୍ତାକ୍ତ ହୋଇ ଚିତ୍କାର କରିବାରୁ ଆଖପାଖ ଲୋକ ଏକାଠି ହେବା ଦେଖି ମାଳା ନିଜ ଘରକୁ ଦୌଡ଼ି ପଳାଇଥିଲା । ଏହାପରେ ମାଳା ଧାରୁଆ କାତି ଧରି ଗାଁ ରାସ୍ତାକୁ ବାହାରିବା ପରେ ଗ୍ରାମବାସୀ ଘରୁ ବହାରିବାକୁ ଭୟଭୀତ ହୋଇଥିଲେ। ହେଲେ ଗ୍ରାମର ଜଣେ ବ୍ୟକ୍ତି ଟେଲିଫୋନ୍ ଯୋଗେ ପଡିଆ ପୋଲିସକୁ ଖବର ଦେବାରୁ ପଡିଆ ଥାନା ଅଧିକାରୀ ଅଶୋକ କୁମାର ବିଶୋୟୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ରାଜକୁମାର ଶବର ଘଟଣାସ୍ଥଳରେ ପହଂଚି ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିବା ରାମାକୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏଥିସହ ଘଟଣାସ୍ଥଳରୁ ଧାରୁଆ କାତି ଜବତ କରିବା ସହ ମାଳାକୁ କାବୁ କରି ଥାନାକୁ ଅଣାଯାଇଥିବା ଜଣାପଡ଼ିଛି।

# ୨୪୦ ହୃଦ୍‌ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

ଧର୍ମଶାଳା (ପିଏନ୍): ରୋଟାରୀ କ୍ଲବ ଜାରକା ଓ ଆପୋଲୋ ହସପିଟାଲ ଭୁବନେଶ୍ୱର ମିଳିତ ଆନୁକୁଲ୍ୟରେ ବିଶ୍ୱ ହୃଦୟ ଦିବସ ଅବସରରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ୨୪୦ ଜଣ ହୃଦ୍‌ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଏହି ଶିବିରକୁ ଅବସରପ୍ରାପ୍ତ ସିଡିଏମଓ ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଆପୋଲୋ ହସପିଟାଲର ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ ଯୋଗଦେଇ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ହୃଦ୍‌ରୋଗର ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ରୋଟାରୀ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ ଓ ସମ୍ପାଦକ ସୁକାନ୍ତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଡାକ୍ତର ପ୍ରତ୍ୟୁଷ ନାହାକ, ଆପୋଲୋ ହସପିଟାଲର ସଂଯୋଜକ ବିରେନ୍ଦ୍ର ପାତ୍ର, ଟେକନିସିଆନ ମାନସରଂଜନ ନାୟକଙ୍କ ଦ୍ୱାରା ପଂଜିକୃତ ରୋଗୀଙ୍କ ବ୍ଲଡ୍ ସୁଗାର, ରକ୍ତଚାପ ଓ ଓଜନ ମପାଯାଇ ଇସିଜି କରାଯାଇ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥିଲାଗି ୨୪୫ ଜଣ ହୃଦ୍‌ରୋଗୀ ନାମ ପଂଜିକରଣ କରିଥିଲାବେଳେ ଏହି ଶିବିରରେ ୨୪୦ଜଣ ହୃଦ୍‌ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ, ଅଜାମ୍ବର ସାହୁ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ,ନିରଂଜନ ପାଣିଗ୍ରାହୀ, ଜୟପ୍ରକାଶ ତ୍ରିପାଠୀ, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ଚକ୍ରଧର ଲେଙ୍କା, ହରିହର ପଣ୍ଡା, ବିନୋଦ ପରିଡା, ଅମୂଲ୍ୟ ମହାରଣା, ଜୟଗୁରୁ ପାତ୍ର, ଦୀପକ ଜେନା, ବିପିନ ଷଡଙ୍ଗି, କଳାକର ମହାନ୍ତି, ରଶ୍ମୀରଂଜନ ରାୟ, ଦେବେନ୍ଦ୍ର ସାହୁ, ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ସଭାନେତ୍ରୀ ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ, ଶକୁନ୍ତଳା ମହାନ୍ତି, ଇନ୍ଦୁପ୍ରଭା ସାମଲ, ଅର୍ଚ୍ଚନା ସ୍ୱାଇଁ, କାଦମ୍ବିନୀ ମିଶ୍ର, ଉପାସନା ଶତପଥୀ, କଳ୍ପନା ପରିଡା, ପ୍ରଭାତନଳିନୀ ସାହୁ, ସରୋଜିନୀ ପଣ୍ଡା, ଅଜନ୍ତା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏହି ଶିବିରରେ ଯୋଗଦେଇ ହୃଦ୍‌ରୋଗୀମାନେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ।

# ପର୍ଯ୍ୟଟନରେ ଯୋଡ଼ିହେଉ ଦୟାନଦୀରେ ନୌକା ବିହାର

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖ ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସ ଆମକୁ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କିପରି ଘଟିପାରିବ ତାହା ସୂଚାଇ ଦିଏ। ଓଡ଼ିଶାରେ ଏପରି ଅନେକ ସ୍ଥାନ ଅଛି, ଯାହାକୁ ଦୃଷ୍ଟି ଦିଆଗଲେ ପର୍ଯ୍ୟଟନ କ୍ଷେତ୍ରରେ ବଡ଼ ପରିବ ର୍ନ ହେବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ଏବଂ ଅର୍ଥନୈତିକ ବିକାଶ ସହ ରାଜ୍ୟ ରାଜକୋଷକୁ ମଧ୍ୟ ଅର୍ଥ ଆସିପାରନ୍ତା। ଏମିତି ଏକ ଐତିହାସିକ ସ୍ଥଳ ହେଉଛି ରାଜଧାନୀ ଉପକଣ୍ଠରେ ଥିବା ଧଉଳି। ଧଉଳି ସାମ୍ନା ଦେଇ ବହି ଯାଉଛି ଐତିହ୍ୟର ନଦୀ ଦୟାନଦୀ। ଦୟାନଦୀର ଗୋଟିଏ ପାର୍ଶ୍ୱରେ ଧଉଳି ଥିବାବେଳେ ଅପର ପାର୍ଶ୍ୱରେ ରହିଛି ଐତିହ୍ୟସମ୍ପନ୍ନ ସ୍ଥାନ ରଣ ଗୋହିରୀ। ଧଉଳିକୁ ନିୟମିତ ପର୍ଯ୍ୟଟକ ଆସୁଥିବା ବେଳେ ଅପର ପାର୍ଶ୍ୱରେ ଥିବା ରଣ ଗୋହିରୀ ଏବେ ବି ଅଣଦେଖା ଅବସ୍ଥାରେ ରହିଛି। ରଣ ଗୋହିରୀ ଯାହାକି କଳିଙ୍ଗ-ଅଶୋକ ଯୁଦ୍ଧର ମୂକସାକ୍ଷୀ। ଧଉଳି ଏବଂ ରଣଗୋହିରୀକୁ ସଂଯୋଗ କରୁଥିବା ପୋଲଟି ଏବେ ବି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ତେବେ ଏହି ଦୟାନଦୀକୁ ପର୍ଯ୍ୟଟନର ଅନ୍ୟତମ ଅଂଶ ଭାବେ ଗ୍ରହଣ କରାଯିବା ଦରକାର। ଏଭଳି ଏକ ଐତିହ୍ୟସମ୍ପନ୍ନ ନଦୀରେ ନୌକା ବିହାର ବ୍ୟବସ୍ଥା କରାଯାଇ ପାରିଲେ ତାହା ପର୍ଯ୍ୟଟକଙ୍କୁ ଆକର୍ଷିତ କରନ୍ତା ଏବଂ ଉଭୟ ଧଉଳି ଏବଂ ରଣ ଗୋହିରୀକୁ ଏହା ସଂଯୋଗ କରିପାରନ୍ତା। ଧଉଳି ପାଦଦେଶରେ ଥିବା ଭୈରଙ୍ଗେଶ୍ୱର ସାମ୍ନାରେ ଥିବା ନଦୀତୁଠରେ ନୌକା ଘାଟ କରାଯାଇ ପର୍ଯ୍ୟଟକମାନଙ୍କୁ ନୌକା ବିହାରର ସୁଯୋଗ ସୃଷ୍ଟି କରାଯାଇପାରିଲେ ଭଲ ହୁଅନ୍ତା। ଏପରିକି କୌଣସି ପର୍ଯ୍ୟଟକ ଯଦି ନୌକା ବିହାରରୁ ଅଧିକ ଆନନ୍ଦ ନେବା ପାଇଁ ଋହିଁବେ ସେମାନଙ୍କ ପାଇଁ ଦୟା ପୋଲ ନିକଟରୁ ମଧ୍ୟ ନୌକା ସେବା ଯୋଗାଇ ଦେବାର ବ୍ୟବସ୍ଥା ହେବା ଦରକାର। ଏହାଦ୍ୱାରା ପର୍ଯ୍ୟଟକମାନେ ଧଉଳି ଛକରୁ ସଡ଼କ ପଥରେ ନଯାଇ ଦୟାର ଜଳପଥରେ ମଧ୍ୟ ଯାଇପାରନ୍ତେ। ଏଥିପାଇଁ ଦୟାକୁ ସୁନାବ୍ୟା କରିବା ଦରକାର। ଧଉଳି ତଳପଟୁ ଦୟାର ଆନ୍ନିକଟ ନିର୍ମାଣ କରାଯାଇ ନଦୀକୁ ସୁନାବ୍ୟା କରାଯାଇ ପାରିବ। ଏଥିପ୍ରତି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବା ଦରକାର ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବିଭାଗୀୟ କ ର୍ତୃପକ୍ଷଙ୍କ ନିକଟରେ ଏକ ପ୍ରେସ୍ ବିବୃ ି ମାଧ୍ୟମରେ ଦାବି କରିଛନ୍ତି।

# ଭାରତୀୟ ଶିକ୍ଷଣ ମଣ୍ଡଳର ଗୁରୁପୂଜନ ଉତ୍ସବ ପାଳନ

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ଟାଉନ ବାଳିକ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଭାରତୀୟ ଶିକ୍ଷଣ ମଣ୍ଡଳର ଗୁରୁପୂଜନ ଉତ୍ସବ ପଶ୍ଚିମ ପ୍ରାନ୍ତ ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମଂଚାସୀନ ଅତିଥି ଗଣ ବେଦବ୍ୟାସ, ଭାରତମାତା ଓ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭ୍ୟ ସତ୍ୟାନନ୍ଦ ବିଶ୍ୱାଳ ସଂଗଠନର ଧ୍ୟେୟବାକ୍ୟ ପାଠ କରିଥିଲେ । ପରେ ପୂର୍ବତନ ପ୍ରାନ୍ତ ସଂପାଦକ ଧର୍ମବ୍ରତ ରଥ ସଂଗଠନର ଆଦର୍ଶ ଓ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ପୁନମ ରଣା ଛାତ୍ର ଛାତ୍ରୀଙ୍କ ବିକାଶ ପ୍ରକ୍ରିୟାରେ ଗୁରୁଙ୍କ ଭୂମିକା ସମ୍ପର୍କରେ ସୁଚିନ୍ତିତ ମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଅଧ୍ୟାପକ ସତ୍ୟବନ୍ତ ବେଦବାକ ବେଦବ୍ୟାସଙ୍କ ଜୀବନ ବୃତାନ୍ତ ତଥା ମହାନ ଗୁରୁ ପରମ୍ପରା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ମଂଚାସୀନ ଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ କସ୍ତୁରି ରଥ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ଗୋବିନ୍ଦ ମିଶ୍ର, ଡ. ଭବାନୀ ଶଙ୍କର ପଟେଲ, ରାମଚନ୍ଦ୍ର ପଟେଲ, ଦିବାକର ହୋତା, ମଦନ ମୋହନ ରଥ, କୃଷ୍ଣଚନ୍ଦ୍ର ମହାକୁର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଶନ୍ନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ଲିଙ୍ଗ ନିରୂପଣ ଓ ଭ୍ରୂଣ ହତ୍ୟା ସମ୍ପର୍କରେ ସୂଚନା ଦେଲେ ମିଳିବ ୨୫ ହଜାର ଟଙ୍କା

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲାରେ ବେଆଇନ ଲିଙ୍ଗ ନିରୂପଣ ଓ ଭ୍ରୂଣ ହତ୍ୟା ସମ୍ପର୍କରେ ସୂଚନା ଦେଲେ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନକାରୀଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ୍ ଙ୍କ ଅଧ୍ୟକ୍ଷତାରେ ଲିଙ୍ଗ ନିରୂପଣ ନିରୋଧ ଆଇନ ସମ୍ପର୍କିତ ଜିଲ୍ଲା ସ୍ତରୀୟ ପରାମର୍ଶ କମିଟିରେ ଏହି ଘୋଷଣା କରାଯାଇଛି । ସେହିପରି ଜିଲ୍ଲାରେ ଡାଇଗ୍ନୋଷ୍ଟିକ୍ ସେଂଟର ନିମନ୍ତେ ଆବେଦନ ହୋଇଥିବା ଚିକିତ୍ସାଳୟ ଗୁଡିକର ଲାଇସେନ୍ସ ସମ୍ପର୍କରେ ଆଲୋଚନା କରାଯାଇଛି ।

# ଧର୍ମଶାଳା ଖୋଜ ଅନୁଷ୍ଠାନର ସ୍ଥାୟୀ କମିଟି ଗଠନ



ଧର୍ମଶାଳା (ପିଏନ୍): ଧର୍ମଶାଳାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପ୍ରାକୃତିକ ବୈଭବ ଖୋଜୁଥିବା ସାମାଜିକ ଅନୁଷ୍ଠାନ ଧର୍ମଶାଳା ଖୋଜର ଏକ ବୈଠକ ଜାରକାଠାରେ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରତିଷ୍ଠାତା ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ଅଂଚଳରେ ଲୁକ୍କାୟିତ ଥିବା ପ୍ରତିଭା ଓ ସାଂସ୍କୃତିକ ବୈଭବକୁ ଲୋକଲୋଚନକୁ ଆଣିବା ଏହି ଅନୁଷ୍ଠାନର ଲକ୍ଷ୍ୟ ରହିଛି। ଏହି ଆଲୋଚନାରେ ଅନୁଷ୍ଠାନର ଏକ ସ୍ଥାୟୀ କମିଟି ଗଠାନ କରାଯାଇଥିଲା। କମିଟିର ସଭାପତି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିର୍ମଳ ସାମଲ, ଉପସଭାପତି ଭାବେ ଅବଦୁଲ କଲାମ, ସମ୍ପାଦକ ଭାବେ ନାଗେଶ୍ୱର ବେହେରା, ସହ-ସମ୍ପାଦକ ଭାବେ ସନ୍ତୋଷ କୁମାର ଜେନା, ସଂଯୋଜକ ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଧିର କୁମାର ନାୟକ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ଟିକାୟତଙ୍କୁ ଅର୍ଥ ସମ୍ପର୍କିତ ଦାୟିତ୍ୱ ଦିଆଯାଇଥିଲା। ଏତଦବ୍ୟତିତ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଦୀଲିପ ରାଉତ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁ, ଶିକ୍ଷାବିତ ରବିନ୍ଦ୍ର ସାହୁ, ପ୍ରସନ୍ନ ବରାଳ, ସାହିତ୍ୟିକ ଅର୍ଜୁନ ପୃଷ୍ଟି, ରାଜିବ ମଲିକ, ବିଷ୍ଣୁ ଚରଣ ବାରିକ, ମନୋଜ କୁମାର ନାୟକ, ଗୌରାଙ୍ଗ ସାହୁ, ଦିବ୍ୟଜ୍ୟୋତି ସାମଲ ଓ ଉଦୟ ମହାରଣା କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ।

# ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳା ପ୍ରସ୍ତୁତି ବୈଠକ



ଯାଜପୁର (ପିଏନ୍): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳା ନିମନ୍ତେ ଯାଜପୁର ଜିଲ୍ଲା ସ୍କୁଲଠାରେ ଏକ ପ୍ରସ୍ତୁତି ବୈଠକ ଶ୍ରୀ ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରୋନାର ଭୟାବହତା ଓ କଟକଣା ଯୋଗୁ ୨୦୨୦ ଏବଂ ୨୦୨୧ ଦୁଇ ବର୍ଷ ଧରି ଏହି ପୁସ୍ତକମେଳା ଅନୁଷ୍ଠିତ ହେବା ସମ୍ଭବ ହୋଇପାରି ନଥିଲା। ତେଣୁ ଚଳିତ ବର୍ଷ କଟକଣା ନଥିବାରୁ ଏହି ପୁସ୍ତକ ମେଳାର ଆୟୋଜନ କରାଯିବାକୁ ସ୍ଥିର କରାଗଲା। ବୈଠକର ପ୍ରାରମ୍ଭରେ ପୁସ୍ତକମେଳା ସହିତ ସଂପର୍କିତ ବହୁ ସକ୍ରିୟ କର୍ମକ ର୍ା ତଥା ସଦସ୍ୟ/ସଦସ୍ୟାଙ୍କ ବିୟୋଗରେ ଶୋକପ୍ରକାଶ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସମସ୍ତ ସ୍କୁଲ କଲେଜର ଅଧକ୍ଷ ଓ ପ୍ରଧାନ ଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀଙ୍କ ସହିତ ଯୋଗାଯୋଗ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ଯାଜପୁରର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ପୁସ୍ତକ ମେଳା ସହିତ ସଂପୃକ୍ତ ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷାକରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ପିଲାମାନଙ୍କର ବୋଧଜ୍ଞାନର ଉ ରଣ ନିମନ୍ତେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କ ସହିତ ଯୋଗାଯୋଗ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଉପସଭାପତି ବିଭୂତି ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଂଗଠନ ସଂପାଦକ ହୃଷିକେଶ ପତି ବୈଠକ ପ୍ରାରମ୍ଭରେ ସ୍ତୋତ୍ରପାଠ କରିଥିଲେ, ପୂର୍ବଭଳି ଆସନ୍ତା ଡିସେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ପୁସ୍ତକେ ମେଳା କରାଯିବାକୁ ସ୍ଥିର କରାଗଲା। ଜିଲ୍ଲାସ୍ତରୀୟ ଅଧିକାରୀ ସହିତ ଆଲୋଚନା କରାଯାଇ ପୁସ୍ତକମେଳା ନିମନ୍ତେ ସଂରକ୍ଷଣ କରାଯିବା ପାଇଁ ସ୍ଥିର କରାଗଲା। ସଂପାଦକ ଡା. କାହ୍ନୁ ଚରଣ ମିଶ୍ର ପୁସ୍ତକମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରଫେସର ଉଦୟନାରାୟଣ ପରିଡ଼ା, ଶିକ୍ଷାବିତ୍ ଦଶରଥ ସାମଲ, ପ୍ରଫେସର ହରିଶ୍ଚନ୍ଦ୍ର ପଣ୍ଡା, ପ୍ରଶାସକ ଗଦାଧର ରାଉତ, ସୁବାସ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ କ୍ଷୀରୋଦ କୁମାର ବେହେରା, ଆଡଭୋକେଟ୍ ଅଖିଳମୋହନ ଦାଶ, ବିଷ୍ଣୁ ଚରଣ ଦଳାଇ, ଅଭିମନ୍ୟୁ ମିଶ୍ର, ବୃନ୍ଦାବନ ମିଶ୍ର, ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମର ସମ୍ୟକ୍ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।




**ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୧**

# ମାର୍ଟିନ ଲୁଥର ତୃତୀୟଙ୍କ ଦୃଷ୍ଟିରେ ସତ୍ୟନିଷ୍ଠ ଗାନ୍ଧୀ

ମାର୍ଟିନ ଲୁଥର କିଙ୍ଗ୍ ତୃତୀୟ ୧୯୫୯ ମସିହା ଫେବୃଆରୀ ୩ ତାରିଖରେ ଯେତେବେଳେ ଆମେରିକାରୁ ଭାରତ ଭ୍ରମଣ ରେ ଆସିଥିଲେ ଏବଂ ଭାରତ ରହଣି କାଳରେ ମାର୍ଚ୍ଚ ୧ ତାରିଖରେ ସେ ଅହମଦାବାଦ ସ୍ଥିତ ସାବରମତୀ ଆଶ୍ରମ ପରିଦର୍ଶନ କରିଥିଲେ , ମହାତ୍ମା ଗାନ୍ଧୀ ୮ ଜଣ ସାଥୀଙ୍କ ସହ ଏହିଠାରୁ ୨୧୮ ମାଇଲ ଦୂରବର୍ତ୍ତୀ ଦାଣ୍ଡିକୁ ପଦଯାତ୍ରା ଲବଣ ସତ୍ୟାଗ୍ରହ କରିଥିଲେ ଯେଉଁଥିରେ ଲକ୍ଷ ଲକ୍ଷ ଜନତା ସ୍ୱତଃପ୍ରବୃତ ଭାବରେ ଯୋଗ ଦେଇଥିଲେ। ମାତ୍ର ଆଜିର ନେତା ମାନଙ୍କର ପଦଯାତ୍ରା ଓ ଏହାର ଉଦ୍ଦେଶ୍ୟ ଭାବିଲେ ମନ ଦୁଃଖରେ ମ୍ରିୟମାଣ ହୋଇଉଠେ। ସେ ଦିନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଯେଉଁ ଜ୍ଞାନ ଓ ଅନୁଭବ ଲାଭ କରିଥିଲେ ସେ ତାଙ୍କ ଆତ୍ମ ଜୀବନୀରେ ଲିପିବଦ୍ଧ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କର ନୀତି ଓ ଆଦର୍ଶକୁ ସେ କିପରି ନିଜ ଜୀବନରେ ଆପଣେଇ ନେଇଥିଲେ ଏବଂ ସେ ଗାନ୍ଧୀଙ୍କୁ ସତ୍ୟନିଷ୍ଠ ବୋଲି କହିଥିଲେ। ସେ ତାଙ୍କର ଏକ ଟିପଣୀରେ ଲେଖିଥିଲେ " ଏହି ଯାତ୍ରା ତାଙ୍କୁ ଖୁବ ପ୍ରଭାବିତ କରିଥିଲା । ଗାନ୍ଧୀଙ୍କ ଦେଶରେ ପାଦ ଦେବା ତାଙ୍କ ପରିବାର ପରିଜନବର୍ଗଙ୍କ ସହିତ କଥା ହେବା ତାଙ୍କ ସହକର୍ମୀ ମାନଙ୍କର ସ୍ମୃତି ଚାରଣରେ ସହଭାଗୀ ହେବା, ତାଙ୍କ ଆଶ୍ରମ ପରିଦର୍ଶନ କରିବା ଏବଂ ତାଙ୍କ ସମାଧିପୀଠରେ ପୁଷ୍ପଗୁଚ୍ଛ ଅର୍ପଣ କରିବା ଅତ୍ୟନ୍ତ ଆନନ୍ଦ ଦାୟକ ଅନୁଭବ ଥିଲା। ଏହି ଦେଶରୁ ଆମେ ଅନେକ କିଛି ଶିକ୍ଷାକଲୁ ତଥାପି ଭାରତ ବର୍ଷକୁ ଜାଣିଗଲୁ ବୋଲି କହିବା ଧୃଷ୍ଟତା ହେବ। ତାର ଜନଗଣ, ସିଦ୍ଧି ଓ ବୈଷମ୍ୟକୁ ନେଇ ଭାରତ ଏକ ବିରାଟ ଉପମହାଦେଶ ଅଟେ।" ସ୍ୱାଧୀନତା ସଂଗ୍ରାମ କରିବା ପାଇଁ ନଷ୍ଟେସିତ ଜନତାଙ୍କର ଅଂହିସା ପ୍ରତିରୋଧ ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଥିଲା। ଏବଂ ଅଂହିସା ଆନ୍ଦୋଳନର ଚମକପ୍ରଦ ବିଜୟ ନିଜ ଆଖିରେ ଦେଖିବା ବିସ୍ମୟକର ଥିଲା। ହିଂସାର ପଥ ବର୍ତ୍ତିଯାଇଥିବା ଲୋକଙ୍କର ତିକ୍ତତା ଏବଂ ଧ୍ୱଂସକାରୀଙ୍କର ନୃଶଂସତା ବୃଦ୍ଧିକରେ କିନ୍ତୁ ଅଂହିସାର ପଥ ମୁକ୍ତି ପ୍ରଦାନ କରେ ତଥା ପ୍ରିତୀପୂର୍ଣ୍ଣ ସମାଜ ପ୍ରତିଷ୍ଠା କରେ। ମୋର ଭାରତ ଗସ୍ତ ଫଳରେ ଅଂହିସା ର ବାରିଧାରା ମୋ ଜୀବନରେ ପ୍ରବାହିତ ହେବା ସହ ମୋର ଅଙ୍ଗୀକାର ଆହୁରି ଦୃଢ଼ିଭୂତ ହେଲା। ମାତ୍ର ଆଜି ପୃଥିବୀ ମହାତ୍ମାଗାନ୍ଧୀଙ୍କ ପରି ବ୍ୟକ୍ତିଙ୍କୁ ଭଲ ପାଏନାହିଁ। ଏହା ଏକ ଅଦ୍ଭୁତ କଥା ନୁହେଁ କି ? ଭାରତରେ ଏପରି ଲୋକ ଅଛନ୍ତି ଯେଉଁମାନେ ଖ୍ରୀଷ୍ଟ, ଲିଙ୍କନ୍ ଙ୍କ ପରି ବ୍ୟକ୍ତିଙ୍କୁ ଭଲ ପାଆନ୍ତି ନାହିଁ ! ସେମାନେ ସେହି ଲୋକଟିକୁ ମାରିଦେଲେ , ଯେ ଭାରତ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଥିଲା। ଯିଏ ସେତେବେଳେ ୪୦ କୋଟି ଜନତାଙ୍କୁ ଏକାଠି କରି ସ୍ୱାଧିନତା ପାଇଁ ଅଭିମନ୍ତ୍ରିତ କରିଥିଲା। ତାଙ୍କରି ହିନ୍ଦୁ ଭାଇ ଜଣେ ଅନୁଭବ କରିଥିଲା ଗାନ୍ଧୀ ମୁସଲମାନଙ୍କ ସପକ୍ଷରେ ଟିକେ ଢଳିବା ସହ ସେମାନଙ୍କ ପାଇଁ ଅନେକ କିଛି ଦେଇଦେଉଛନ୍ତି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେଉଁ ଲୋକଟି ଅଂହିସାରେ ବିଶ୍ୱାସ କରୁଥିଲ। ତା ଜୀବନ ହିଂସାରେ ବିଶ୍ୱାସ କରୁଥିବା ଜଣେ ଲୋକହାତରେ ଗଲା। ଯେଉଁ ଲୋକ ସମସ୍ତଙ୍କୁ ଭଲ ପାଉଥିଲା, ତା ଜୀବନ ଘୃଣା କରୁଥିବା ଜଣେ ଲୋକ ହାତରେ ଗଲା। ଏହାହିଁ ଇତିହାସର ଗତି ଭଳି ବୋଧ ହେଉଛି।


ଉମାଶଙ୍କର ପ୍ରସାଦ

ମାତ୍ର ଇଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଯେ ଯେଉଁ ଲୋକ ଗୁଳିମାରି ଗାନ୍ଧୀଙ୍କ ହୃଦୟ ବିଦାରି ଦେଲା, ସେ ତାଙ୍କୁ ସମଗ୍ର ମାନବ ଜାତିର ହୃଦୟରେ ସ୍ଥାନିତ କରିଦେଲା। ଲକ୍ଷ କରିବାର କଥା ଯେ ଆବ୍ରାହମ ଲିଙ୍କନଙ୍କୁ ଯେଉଁଥି ପାଇଁ ଗୁଳିମାଡ ହୋଇଥିଲା, ଠିକ୍ ସେଇଥି ପାଇଁ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାଡ ହୋଇଥିଲା। ଲିଙ୍କନଙ୍କୁ ଗୁଳିମାଡ ହେଲାବେଳେ ପାଖରେ ଛିଡା ହୋଇଥିବା ତାଙ୍କର ସଚ୍ଚିବ ଷ୍ଟାଂଟନ କହିଥିଲେ ' ଏବେ ସେ ଯୁଗ ପୁରୁଷ ହୋଇଗଲେ'। ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ସେହିକଥା କୁହାଯାଇ ପାରିବ ସେ ମଧ୍ୟ ଜଣେ ସତ୍ୟନିଷ୍ଠ ଯୁଗପୁରୁଷ। ସତ୍ୟକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ମାଟିରେ ମିଶାଇ ଦେଲେବି ତାହା ପୁନରୁଜ୍ଜୀବିତ ହୋଇ ଉଠିବ। ଜେମସ୍ ରସେଲ୍ ଲୋବେଲ୍ଙ୍କ ଭାଷାରେ "ସତ୍ୟ ପଶିଛି ସଦା ଫାଶର ଫନ୍ଦାରେ / ପ୍ରମାଦ ବସିଛି ସଦା ସିଂହାସନ ପରେ/ ଦୋହଲୁଛି ଭବିଷ୍ୟ ଫାଶୀ ଦଉଡିରେ/ ନିଷ୍ପ୍ରଭ ଅଜ୍ଞାତେ ଉଭା ଈଶ୍ୱର ଆମ ପ୍ରଶ୍ଚାତ୍‌ରେ/ ନିଜଗଢା ଜଗତକୁ ଚାହିଁ ରହିଛନ୍ତି ଅନ୍ଧାର ଭିତରେ"। ମହାତ୍ମା ଗାନ୍ଧୀ ଭାରତରେ ଯାହା କଲେ, ତାହା ସେ କିପରି କଲେ ବୋଲି ଯଦି ପ୍ରଶ୍ନ ହୁଏ ତେବେ ଲୋକମାନେ କହିବେ ଗାନ୍ଧୀ ଥିଲେ ସମ୍ପୂର୍ଣ୍ଣ ସତ୍ୟନିଷ୍ଠ, ବିଶ୍ୱସ୍ତ ଏବଂ ବିଶେଷ ଭାବରେ ତାଙ୍କର ସମର୍ପଣ ଭାବ ଯୋଗୁ ଏହା ସମ୍ଭବ ହୋଇ ପାରିଥିଲା। ସେ ଏପରି ଏକ ବ୍ୟକ୍ତି ଥିଲେ ଯିଏ ନିଜର ଅନୁଗାମୀ ମାନଙ୍କୁ କହୁଥିଲେ ସେ ଦୋଷଶୂନ୍ୟ ନୁହଁନ୍ତି, ସେ ଗୋଟାପଣେ ଜଣେ ମଣିଷ। ଭାରତରୁ ବିଦାୟ ନେବାବେଳେ ୧୯୫୯ ମାର୍ଚ୍ଚ ୯ ତାରିଖରେ ମାର୍ଟିନ୍ କହିଥିଲେ " ଭାରତର ଜନଗଣଙ୍କୁ ଓ ସରକାରଙ୍କୁ ମୋର ଏକ ନିବେଦନ କରିବାର ଅଛି ଯାହା ବିନୋବା ବାଭେଙ୍କ ସହିତ ଆଲୋଚନା ସମୟରେ ମୋ ମନକୁ ଆସିଥିଲା। ପୃଥିବୀର ଶାନ୍ତିପ୍ରିୟ ଦେଶମାନେ ଭୟ ନିବାରଣ ଓ ନିରସ୍ତ୍ରୀକରଣ ପାଇଁ ମୋ ନିଜ ଦେଶ ଆମେରିକା ଏବଂ ସୋଭିଏତ ଋଷିଆକୁ ରାଜି କରାଇବାରେ ସେ ସକ୍ଷମ ହୋଇପାରି ନାହାନ୍ତି। ଦୁର୍ଭାଗ୍ୟବଶତଃ ଏ ପର୍ଯ୍ୟନ୍ତ ଆମେରିକା ଓ ସୋଭିଏତ ଋଷ ଏପରି କରିବା ନିମିତ୍ତ ଏପରି ସାହସ ଦେଖାଇ ନାହାନ୍ତି। ବିନୋବା ବାଭେ କହିଥିଲେ ଭାରତ ଯେପରି ଅଗ୍ରଣୀ ଭୂମିକା ନେଇ ପୃଥିବୀକୁ ଦେଖାଇଦେଲା ଅଂହିସା ଉପାୟରେ ଜାତୀୟ ସ୍ୱାଧୀନତା ହାସଲ କରାଯାଇପାରେ, ସେହିପରି ଦିନେ ଭାରତ ଅଗ୍ରଣୀ ଭୂମିକା ନେଇ ନିରସ୍ତ୍ରୀକରଣ ପାଇଁ ସମଗ୍ର ବିଶ୍ୱକୁ ଆହ୍ୱାନ ଦେବ ଏବଂ ମହାତ୍ମାଗାନ୍ଧୀଙ୍କ ଭାବଧାରାର ଏହା ଏକ ବିରାଟ ନିଦର୍ଶନ ହେବ।

*ସମ୍ପାଦକ ମାର୍ଗଦର୍ଶୀ*

*ମୋ-୮୮୯୫୫ ୪୭୪୯୦)*

# ଓଲାଶୁଣୀ ପର୍ବତରେ ସାଧୁସେବା ହେବ...

ଓଡ଼ିଶାର ଧାର୍ମିକ, ଆଧ୍ୟାତ୍ମିକ ବିଭବରେ ଯାଜପୁର ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଏହି ଜିଲ୍ଲାରେ ମା'ଦେବୀ ବିରଜା, ଶ୍ରୀବରାହ ଓ ପୁଣ୍ୟ ପାବନ ବୈତରଣୀ, ବିଶ୍ୱ ପ୍ରସିଦ୍ଧ ହୀରକ ତ୍ରିଭୁଜ ରତ୍ନଗିରି-ଉଦୟଗିରି ସହ ପ୍ରସିଦ୍ଧ ଓଲାଶୁଣୀ ପୀଠ ଅନ୍ୟତମ। ଅଷ୍ଟାଦଶ ଶତାବ୍ଦୀର ଜଣେ ଯୁବରାଜ ନିଜ ଆଭିଜାତ୍ୟର ରାଜକୀୟ ଠାଟବାଟକୁ ବର୍ଜାଇ ଦେଇ ତ୍ୟାଗପୂର୍ଣ୍ଣ ଜୀବନ ସହ ସମାଜର ମଙ୍ଗଳ ପାଇଁ ନିଜକୁ ସନ୍ନ୍ୟାସ ସାଧନାରେ ଗୃହତ୍ୟାଗୀ କରିଥିଲେ। ସେହି ମହାନ୍ ସନ୍ଥ ଅରକ୍ଷିତ ଦାସଙ୍କ ଚଳିତ ବର୍ଷ ହେଉଛି ମହାପ୍ରୟାଣ ତିଥି। ଏହି ତିଥିରେ କେବଳ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନୁହେଁ ଭାରତର ବିଭିନ୍ନ ରାଜ୍ୟରୁ ଲକ୍ଷ ଲକ୍ଷ ଜନସମାଗମ ହୋଇଥାଏ। ଓଲାଶୁଣୀ ଗୁମ୍ଫାଟି ହେଉଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ମୌଜାରେ, ଯେଉଁ ପଲାଇରେ ଏହି ଲେଖକ ଦିନେ ଭୂମିଷ୍ଠ ହୋଇଥିଲା। ମୋ ପିତାମାତା ମୋତେ ପିଲାଦିନରୁ ଧର୍ମାଶ୍ରୀତ ଜୀବନ ଯାପନ ପାଇଁ ମାର୍ଗ ଦେଖାଇଥିଲେ। ସେମାନଙ୍କ ଧାର୍ମିକ ପ୍ରଭାବ ସାରା ଜୀବନ ମୋ ଉପରେ ବିଚ୍ଛୁରିତ ହୋଇ ରହିଛି। ମହାପୁରୁଷ ଅରକ୍ଷିତ ଦାସଙ୍କର ସାଧନାର କୃତୀ ହେଉଛି 'ମହୀମଣ୍ଡଳ ଗୀତା' ଯାହାକି ୧୯୭୦ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ଏହି ମହୀମଣ୍ଡଳ ଗୀତାରେ ସେ ବିଭିନ୍ନ ବିଷୟରେ ମାନବ ଜାତି ପାଇଁ ଲେଖନୀ ଚାଳନା କରିଛନ୍ତି। ପଞ୍ଚଭୂତ ମହିମା ଠାରୁ ଆତ୍ମାର ମହିମା, ମହାଶୂନ୍ୟ କଥା, ଭକତି ଯୋଗ, ସପ୍ତାଙ୍ଗ ଯୋଗ, ଦୁଃଖସୁଖ କଥା, ଦଶଅବତାର କଥା, ସହସ୍ରନାମ ମହିମା, ଜୀବ ପରମଭାବ, ବ୍ରହ୍ମର ମହିମା ବନ୍ଦନ ସହ ନିଜ ଜୀବନର ଗୃହତ୍ୟାଗ ବିଷୟ ବର୍ଣ୍ଣନା, ସହ ଓଲାଶୁଣୀ ପ୍ରବେଶକୁ ନେଇ ଏହିପରି ତେଇଶଟି ବିଷୟରେ ଆଲୋକପାତ କରିଛନ୍ତି। ନାମ ବ୍ରହ୍ମ ଓ ଯୁଗବାର୍ତ୍ତାକୁ ନେଇ ସେ ମହୀମଣ୍ଡଳ ଗୀତାରେ ଲେଖିଛନ୍ତି – 'ନାମ ବ୍ରହ୍ମ, ନାମ ବ୍ରହ୍ମ, ନାମ ବ୍ରହ୍ମ ସାର, ଯେ ଭଜନ୍ତି ନର, ପୃଥ୍ୱୀ ନାଶେ କ୍ଷୟ ନୁହନ୍ତି, ଯୁଗେ ଯୁଗେ ସେ ଅମର। ଅକ୍ଷର ଯେ ନାମ ବ୍ରହ୍ମ ନ ଭଜନ୍ତି ମୂଢ଼ ନର, ତେଣୁ ଅଛେ ନାଶଯାନ୍ତି ଯେ ଭଜନ୍ତି ସେ ଅମର।'

ଓଲାଶୁଣୀ ଦେବୀ ପୂଜିତ ହେଉଥିବା ଓଲାଶୁଣୀ ପାହାଡ଼ରେ ଜନଗହଳି ପରିପୂର୍ଣ୍ଣ ହୋଇଥାଏ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ। ସାଧୁସନ୍ଥ ମାନଙ୍କର ସଙ୍ଗମସ୍ଥଳୀରେ ତାଙ୍କ ରଚିତ ଭଜନ, ଜଣାଣ, ଖଜଣୀ ଓ କୀର୍ତ୍ତନ ସ୍ୱରରେ ଏହି ପୁଣ୍ୟ ତୀର୍ଥଭୂମି ପବିତ୍ରମୟ ହୋଇପଡ଼େ।


ଅଲେଖ ଚନ୍ଦ୍ର ସାମଲ

ଭକ୍ତମାନେ ନିଜ ଘରୁ ଚାଉଳ, ଡାଲି, ପନିପରିବା ନେଇ ମହୋତ୍ସବରେ ସାମିଲ ହୋଇଥାନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରପରି ଏଠାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକ ହୋଇ ପ୍ରସାଦ ସେବନ କରିଥାନ୍ତି। ନିଜେ ସନ୍ଥ ଅରକ୍ଷିତ ଦାସ ସମସ୍ତଙ୍କ ଘରୁ ଖାଦ୍ୟ ସଂଗ୍ରହ କରିଛନ୍ତି ଯାହାକୁ ସେ ନିଜ ଭାଷାରେ ଲେଖିଛନ୍ତି – 'ଚଣ୍ଡାଳୁ ବ୍ରହ୍ମଯାଏ ପୁଣ, ଭକ୍ଷିଲି ସର୍ବ ଘରେ ଜାଣ। ତୁମ୍ଭେ ତ ସର୍ବ ଘଟେ ବସ, ତେଣୁ ମୁଁ ଭୁଞ୍ଜଇ ବିଶ୍ୱାସ।' ପ୍ରତିମାଶୂନ୍ୟ ତାଙ୍କର ସେହି ସାଧନାପୀଠରେ ମୁଖ୍ୟ ଭୋଗ ରୂପେ ପୋଡପିଠା ପୂଜାର୍ଚ୍ଚନା କରାଯାଏ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅବାଧରେ ପ୍ରବେଶ କରିଥାନ୍ତି। ମହାନ ସାଧକ ଅରକ୍ଷିତ ଦାସଙ୍କ ମତରେ ଆମିଷ ଓ ନିରାମିଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ତେଣୁ ନିଜ ଇଚ୍ଛା ଅନୁସାରେ ଖାଦ୍ୟ ଗ୍ରହଣ କରିବାକୁ ସେ କହିଛନ୍ତି। ତାଙ୍କ ମତରେ ଲୋକଦେଖାଣିଆ ଆଶାପୂର୍ଣ୍ଣ ନିରାମିଷ ଭକ୍ଷଣର ଫଳ କିଛି ନଥାଏ। ତେଣୁ ସେ ତାଙ୍କର ମହୀମଣ୍ଡଳ ଗୀତାରେ ଆମିଷ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି – 'ହେ ମନ କହୁଅଛି ମୁହିଁ, ଶରୀର ଆମିଷ ଅଟଇ। ରଜବୀର୍ଯ୍ୟ ଆମିଷ ଜାଣ, ତହିଁରୁ ସକଳ ଭିଆଣ। ଛପନକୋଟି ଜୀବ ଯେତେ, ଆମିଷରୁ ଜାତ ସମସ୍ତେ।' ସନ୍ଥ ଅରକ୍ଷିତଙ୍କ ମାନବବାଦୀ ଚିନ୍ତାଧାରା, ଧର୍ମ ଓ ଦର୍ଶନ, ମହତବାଣୀ ଆଗାମୀ ପିଢ଼ିକୁ ମଧ୍ୟ ଆଲୋକ ଅନ୍ୱେଷଣ ପାଇଁ ଦିଗ୍‌ଦର୍ଶନ ଦେବାରେ ଯଥେଷ୍ଟ ସକ୍ଷମ ହୋଇପାରିବ। ତାଙ୍କ ରଚିତ ମହୀମଣ୍ଡଳ ଗୀତା, ମନଚଇତନ ଚଉତିଶା, ଭକ୍ତିଟୀକା, ବାଲ୍ୟବୋଧ ଗୀତା, ଶୂନ୍ୟଟୀକା, ଅବଧୂତ ସଂହିତା ଓ ଶତାବ୍ଦି ସଂହିତା ଭାରତୀୟ ଦର୍ଶନ କ୍ଷେତ୍ରକୁ ଉଜ୍ଜିବୀତ କରି ରଖିପାରିବ। ମହାପୁରୁଷ ଅରକ୍ଷିତ ଦାସ ୧୮୩୭ ମସିହା ମାଘ ମାସ କୃଷ୍ଣ ଏକାଦଶୀ ତିଥିରେ ଏହି ଓଲାଶୁଣୀରେ ହିଁ ଦେହ ତ୍ୟାଗ କରିଥିଲେ। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରେ ଅରକ୍ଷିତ ଦାସଙ୍କ ସମ୍ବନ୍ଧରେ କାଳଜୟୀ ଲେଖାଟି ହେଉଛି – 'ଓଲାଶୁଣୀ ପର୍ବତରେ ସାଧୁସେବା ହେବ। ଏକାକ୍ଷର ପରୀକ୍ଷାରେ ଅର୍କ୍ଷିତ କରିବ। କେତେ କେତେ ଭକ୍ତ ଆସି ସେଠାରେ ମିଳିବେ, ଅରକ୍ଷିତ ଠାରୁ କେହି ଉବୁରି ନଯିବେ।' ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ହେଉଛି 'ନାମ ପ୍ରଧାନ' ଦର୍ଶନ। ତାଙ୍କ ଲେଖନୀରେ ପଞ୍ଚଶଖା ଧର୍ମର ଶୂନ୍ୟବାଦର ବହୁ ବର୍ଣ୍ଣନା ପରିଦୃଷ୍ଟ ହୋଇଛି। ତାଙ୍କ ମହୀମଣ୍ଡଳ ଗୀତା ଆମ ସାମ୍ପ୍ରତିକ ଜୀବନ ପାଇଁ ଜୀବନ ଚେତନାର ଏକ କାଳଜୟୀ କୃତୀ। ଓଡ଼ିଆ ଜନଜୀବନରେ ମହୀମଣ୍ଡଳ ଗୀତାକୁ ଭାଗବତ ପରି ଆଧ୍ୟାତ୍ମିକ ଭାବପୂର୍ଣ୍ଣ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

*ଓଏଫ୍‌ଏସ୍-୧ (ଏସ.ବି., ପୂର୍ବତନ ଡିଏଫଓ (କେନ୍ଦୁଲିଫ) ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,*

*ଦୂରଭାଷ : ୯୪୩୭୨୫୭୧୨୩*

# ଖାଦ୍ୟ ଅପଚୟ ରୋକ

ୱାର୍ଲ୍ଡ ଫୁଡ ପ୍ରୋଗାମ (ଡବ୍ଲୁଏଫସି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ବିଶ୍ୱରେ ଭୋକିଲାଙ୍କ ସମ୍ପର୍କରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଉଦବେଗଜନକ ସେତିକି ଚିନ୍ତାଜନକ ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ଅନେକ ଦେଶ ଖାଦ୍ୟ ସଂକଟ ଦେଇ ଗତି କରୁଛନ୍ତି। ଏହା ପଛରେ ମୁଖ୍ୟ କାରଣ ହେଉଛି ଖାଦ୍ୟ ଅପଚୟ ବା ନଷ୍ଟ। ସେହିପରି ଖାଦ୍ୟ ନଷ୍ଟ କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଂକଟର ମାତ୍ର ବୃଦ୍ଧି ପାଇବାରେ ଲାଗିଛି। ଫୁଡ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନ (ଏଫଏଓ) କହିଛି ଯେ, ୨୦୧୯ରେ ଖାଦ୍ୟାଭାବ କାରଣରୁ ବିଶ୍ୱର ୬୯୦ ନିୟୁତ ଲୋକ ଭୋକିଲା ରହିଥିଲେ। ୨ ବିଲିୟନ ଲୋକକଙ୍କ ପାଖରେ ଖାଦ୍ୟ ଗ୍ରହଣର କରିବାର ସୁଯୋଗ ଥିଲେ ମଧ୍ୟ ସେମାନେ ଭୋଗ ୁପାସରେ କାଳାତିପାତ କରୁଛନ୍ତି। ନିକଟରେ ଗତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ(ୟୁଏନିପି) ପକ୍ଷରୁ ପ୍ରକାଶିତ ରିପୋର୍ଟ କୁହାଯାଇଛି ଯେ, ବିଶ୍ୱର ଜନସଂଖ୍ୟା ୮୦୦ କୋଟିକୁ ଅତିକ୍ରମ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮୩ କୋଟି ଲୋକ ଭୋକ ଉପାସରେ ରହୁଛନ୍ତି। ଯଦି ଖାଦ୍ୟ ନଷ୍ଟକୁ ରୋକିଦିଆଯାଇପାରିବ, ତେବେ ଭୋଗରେ ରହୁଥିବା ଲୋକଙ୍କୁ ପେଟ ପୁରା ଖାଦ୍ୟ ଯୋଗଇ ଦେବା ସମ୍ଭବ ହୋଇପାରିବ। ତେବେ ଚିନ୍ତାର କାରଣ ଏହା ଯେ, ବିଶ୍ୱର ଦୁଇ ଜନବହୁଳ ରାଷ୍ଟ୍ର ଚୀନ ଓ ଭାରତରେ ଖାଦ୍ୟ ନଷ୍ଟ ସର୍ବାଧିକ ଖାଦ୍ୟ ନଷ୍ଟ ବା ଅପଚୟରେ ଚୀନ ପ୍ରଥମ ସ୍ଥାନାରେ ରହିଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ରିପୋର୍ଟ ଅନୁସାରେ ଭାରତରେ ଗୋଟିଏ ବର୍ଷରେ ପ୍ରାୟ ୬.୮୭ କୋଟି ଟନ ଖାଦ୍ୟ ନଷ୍ଟ ହୋଇଥାଏ। ଅନ୍ୟ ପକ୍ଷରେ ଦେଶରେ ପ୍ରତ୍ୟେକ ଦିନ ୧୯କୋଟି ଲୋକ ଭୋକ ଉପାସରେ ଦିନ ବିତାଉଥିବା କୁହାଯାଇଛିବ ଅର୍ଥାତ୍ ଖାଦ୍ୟ ଉତ୍ପାଦନର ୪୦ ପ୍ରତିଶତ ଅଂଶ ନଷ୍ଟ ହେଉଛି। ଯାହାର ମୂଲ୍ୟ ୯୨ ହଜାର କୋଟି ବୋଲି କୁହାଯାଇଛି। ସେହିପରି ଚୀନରେ ବାର୍ଷିକ ୯.୬ କୋଟି ଟନ ଖାଦ୍ୟ ନଷ୍ଟ ହେଉଥିବାବେଳେ ଆମେରିକା ୧.୯୩ କୋଟି ଟନ ଖାଦ୍ୟ ଶସ୍ୟ ନଷ୍ଟ ହେଉଥିବା ରିପୋର୍ଟରେ କୁହାଯାଇଛି। ଆମେ ଏସବୁ ଏଠାରେ ଅବତାରଣା କରିଛୁ ଏଇଥିପାଇଁ ଯେ, ୨୦୨୨ ପାଇଁ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୨୧ଟି ଦେଶ ମଧ୍ୟରୁ ତାଲିକାରେ ଭାରତ ୧୦୭ ନମ୍ବର ସ୍ଥାନରେ ରହିଛି। ଏଥିରୁ ଦେଶରେ ଦାରିଦ୍ର୍ୟ ବା ଭୋକିଲା ସ୍ଥିତି କେତେ ଉଦବେଗଜନକ ସ୍ଥିତିରେ ରହିଛି, ତାହା ସ୍ୱଷ୍ଟ ଅନୁମାନ କରାଯାଇପାରେ। ୨୦୨୧ରେ କ୍ଷୁଧା ସୂଚକାଙ୍କର ଭାରତ ୧୦୧ ନମ୍ବର ସ୍ଥାନାରେ ରହିଥିବାବେଳେ ୨୦୨୨ରେ ଛଅଟି ସ୍ଥାନ ତଳକୁ ଖସିଛି। ଅର୍ଥାତ ଦେଶରେ ଦାରିଦ୍ର୍ୟ ବଢ଼ିବାରେ ଲାଗିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଦେଶରୁ ଦାରିଦ୍ର୍ୟ ଦୂରିକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ଦେଶ ସ୍ୱାଧୀନତା ପରଠାରୁ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଏହାର ସୁଫଳ ଯେ, ଲୋକଙ୍କ ନିକଟରେ ପହଁଚିପାରିନାହିଁ, ଏହା ସ୍ୱୀକାର କରିବାକୁ ହେବ। ଆମ ଦେଶରେଯେକୌଣସି ଯୋଜନାର ମାତ୍ର ୧୫ ପ୍ରତିଶତ ଲୋକଙ୍କ ନିକଟରେ ପହଁଚିଥିବାବେଳେ ୮୫ପ୍ରତିଶତ ବାଟମାରଣା ହେଉଥିବା ନେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ପାର୍ଲିଆମେଂଟରେ ଯେଉଁ ବୀବୃତି ଦେଇଥିଲେ, ତାହା ଅକ୍ଷରେ ଅକ୍ଷରେ ସତ୍ୟ, ବୋଧ ହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଅନ୍ୟ ପକ୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ଦାରିଦ୍ର୍ୟ ହଟାଇଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଦେଶରେ ଭୋକିଲାଙ୍କ ସଂଖ୍ୟା ଯେ, ବଢିବାରେ ଲାଗିଛି, ଏହା ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ଖାଦ୍ୟଭାବ ଯୋଗୁଁ ଦେଶର ୩୩ଲକ୍ଷ ଶିଶୁ କୁପୋଷଣର ଶିକାର। ସୂଚନା ଅଧିକାର ଆଇନ କାଳରେ ସରକାରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଦେଶରେ ମୋଟ ୩୩ଲକ୍ଷ ଶିଶୁ ପୁଷ୍ଟିହୀନ ଅଛନ୍ତି। ଯାହାଙ୍କ ମଧ୍ୟରୁ ୧୭ଲକ୍ଷ ୭୬ ହଜାର ଅତିଶୟ ପୁଷ୍ଟିହୀନତାର ଶିକାର ହୋଇଥିବାବେଳେ ୧୫ଲକ୍ଷ ୪୬ ହଜାର ଶିଶୁ ମଧ୍ୟମ ଧରଣର କୁପୋଷଣରେ ଅଛନ୍ତି। କେବଳ ଶିଶୁଙ୍କ କୁପୋଷଣ ନୁହେଁ, ପେଟକୁ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନପାଇ ଦେଶରେ କୋଟି କୋଟି ଲୋକ କେବଳ ଅନ୍ତ ସାରୀ ଶୂନ୍ୟ ହୋଇପଡିଥିବା ବେଳେ ବହୁ ମାରାତ୍ମକ ରୋଗରେ ପିଡିତ। ଦେଶରେ ବାଟମାରଣା ଯୋଗୁଁ ଦାରିଦ୍ର୍ୟ ଦୂରିକରଣ ଏବଂ ସରକାରଙ୍କର ବିଭିନ୍ନ ବିକାଶମୂଳକ ଯୋଜନା ଯେ, ବିଫଳ ହୋଇଛି ଏହା ସ୍ୱୀକାର କରିବାକୁ ହେବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖାଦ୍ୟ ଅପଚୟକୁ ରୋକିବା। ଏ ନେଇ ସରକାର କଠୋର ପଦକ୍ଷେପ ନେବେ ବୋଲି ଆମେ ଆଶାବାଦୀ। ଖାଦ୍ୟ ଅପଚୟ ରୋକାଯାଇପାରିବେ କୁପୋଷଣର ଅନ୍ତ ଘଟିବ, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ।


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

*ସମ୍ମାନ ଭବନ,*

*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,*

*ଶିଶୁପାଳଗଡ,-୭୫୧୦୦୨*

*ମୋବାଇଲ ନଂ-୯୪୩୭୯୯୪୩୭୯*

# ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ ଓ ମକର ତାଡ଼ ବିଜେ

ମକର ସଂକ୍ରାନ୍ତି ପୂର୍ବଦିନ ମହାପ୍ରଭୁଙ୍କ ନବାଙ୍କ ବେଶ ସହ ଚାଉଳ ମେଲାଣ ଓ ଫୁଲ ମେଲାଣ ଉତ୍ସବ ସମ୍ପନ୍ନ ହୋଇଥାଏ। ଖୁଣ୍ଟିଆ ଓ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ସନ୍ଧ୍ୟା ଆଳତୀ ବେଶରେ ମାଳଚୁଳମାନ ଲାଗିକରିଥାନ୍ତି। ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୂଷଳ, କୁଣ୍ଡଳ, ତଡ଼ଗୀ ଇତ୍ୟାଦି ତିନି ଠାକୁରଙ୍କୁ ଲାଗି କରାଯାଇଥାଏ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଯଥାକ୍ରମେ ସୋଲ ନିର୍ମିତ ମକର କୁଣ୍ଡଳ, ଶଙ୍ଖ, ଚକ୍ର, ହଳ, ମୂଷଳ ଇତ୍ୟାଦି ଧାରଣ କରିଥାନ୍ତି। ଏହା ନବାଙ୍କ ବେଶ ରୂପେ ପରିଚିତ। ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଶ୍ରୀଚୈତନ୍ୟ ଦେବ। ସନ୍ଧ୍ୟା ଆଳତି, ଧୂପ ଓ ଚନ୍ଦନଲାଗି ସରିବା ପରେ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧାଯାଏ। ପର୍ବଯାତ୍ରା ଯୋଗାଣିଆ ସେବକ ତିନିଟି ବାଉଁଶିଆରେ ଚାଉଳ ପୁରାଇ କୋଠ ସୁଆଁସିଆ ଦେଇଥିବା ଭଦ୍ରାସନ ଉପରେ ପୂଜାପଣ୍ଡା ମୁରୁଜ ପକାଇବା ପରେ ତାହା ଉପରେ ଚାଉଳ ବାଉଁଶିଆ ରଖି ଚେମେଡ଼ି, ପଟନୀ, ପୁଷ୍ପ ଚନ୍ଦନ ଦେଇ ଅଧିବାସ ହୋଇଥାଏ। ଭୋଗମଣ୍ଡପ ଗୃହକୁ ତଢ଼ାଉ ସେବକ ମୁଦ ଦେଇଥାନ୍ତି। ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥାଏ। ଚିତା, ଗୁଣା, କରପଲ୍ଲବ, ଅଧରମାଳା ଓ ଶ୍ରୀପୟର ମାଳା ଗେଣ୍ଡୁଫୁଲରେ ନିର୍ମିତ ହୋଇଥାଏ। ଗେଣ୍ଡୁ ଓ ଗୋଲାପ ଫୁଲର ସମ୍ମିଶ୍ରଣରେ ହୃଦ ପଦକ ତିଆରି ହୋଇଥାଏ। ବଡ଼ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣଘରୁ ବିଜେ ହୋଇ ରତ୍ନସିଂହାସନକୁ ଆସିଥାଏ। ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କୁ ପ୍ରଦାନ କରନ୍ତି। ରତ୍ନସିଂହାସନକୁ ସାଢ଼େ ଚାରିଥର ପ୍ରଦକ୍ଷିଣ କରି ବଟମୂଳସ୍ଥିତ ପାଲିଙ୍କିରେ ବିଜେ କରନ୍ତି। ପରେ ଶ୍ରୀମନ୍ଦିର ଚାରିପଟେ ସାଢ଼େ ଚାରିଥର ପ୍ରଦକ୍ଷିଣ କରନ୍ତି। ମଦନମୋହନଙ୍କୁ ମହାଜନ ସେବାୟତ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ଥିବାବେଳେ ପ୍ରସାଦ ଲାଗି, ବନ୍ଦାପନା ହୁଏ। ମଦନମୋହନ ଦକ୍ଷିଣଘରକୁ ବାହୁଡ଼ା ବିଜେ କରନ୍ତି। ଏକମାସ ବାପଘରେ ବିତାଇ ଶ୍ରୀମନ୍ଦିରକୁ ଫେରିଛନ୍ତି ଲକ୍ଷ୍ମୀ ଠାକୁରାଣୀ। ମକର ସଂକ୍ରାନ୍ତି ପୂର୍ବ ଦିନ ମନ୍ଦିରକୁ ମକର ତାଡ଼ ବିଜେ କରିଥାଏ। ପବିତ୍ର ମକର ସଂକ୍ରାନ୍ତିରେ ମହାପ୍ରଭୁଙ୍କ ପାଖରେ ମକର ଚାଉଳ ଓ ମକର ଚଉରାଶି ଭୋଗ ଲାଗି ହୋଇଥାଏ। ଏହି ମକର ତାଡ଼ରେ ହିଁ ମକର ଚାଉଳ ଭୋଗ କରାଯାଏ। ପ୍ରଥମେ ଶ୍ରୀବିଗ୍ରହଙ୍କ ଦ୍ୱିପ୍ରହର ଧୂପ ବଢ଼ିଲା ପରେ ଶ୍ରୀମନ୍ଦିରକୁ ଘଣ୍ଟ, ଓଳାର (ଛତା), କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ବିଜେ କରିଥାନ୍ତି। ସେଠାରେ କୁମ୍ଭକାର ସେବକମାନେ ମା'ଙ୍କ ନିକଟରେ ଚାରିଟି ନୂଆ ତାଡ଼ ରଖିଥାନ୍ତି। ମା'ଙ୍କ ନିକଟରେ ବିଶେଷ ପୂଜା ସହ ବନ୍ଦାପନା ଅନୁଷ୍ଠିତ ହୋଇଥାଏ। ପରେ ଚାରିଜଣ କୁମ୍ଭାର ବିଶୋୟୀ ସେବକ ମୁହଁରେ ବାଘମୁଖା ବାନ୍ଧି ମା'ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ, ଓଳାର, କାହାଳୀ ସହିତ ପାଞ୍ଚଟି ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାନ୍ତି। ମକର ତାଡ଼ ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏ ଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହେରଣଠାରେ ରଖାଯାଏ। ମକର ସଂକ୍ରାନ୍ତିରେ ଉକ୍ତ ତାଡ଼ରେ ଶ୍ରୀବିଗ୍ରହମାନଙ୍କୁ ମକର ଚାଉଳ ଭୋଗ ମଣୋହୀ କରାଯାଏ। ମକରସଂକ୍ରାନ୍ତି ପୂର୍ବଦିନ ମାସାନ୍ତ ଅବସରରେ ନୀଳଚକ୍ର ଅଳାବେଢ଼ାରେ ଚୂନରା ସେବକମାନେ ଚୂନ ଦିଅନ୍ତି। ଚୂନରା ସେବାୟତମାନେ ନୀଳଚକ୍ର ଉପରକୁ ଯାଇ ଅଁଳାବେଢ଼ାରେ ରାମାନନ୍ଦୀ ଚିତାରେ ଗେରୁ ଲେପ ପ୍ରଦାନ କରନ୍ତି।


ବିପିନ ବିହାରୀ ରାଉତ

*ଶ୍ରୀବିହାର କଲୋନୀ, କଟକ,*

*ଦୂରଭାଷ : ୯୪୩୭୬୬୬୪୫୩*

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନଓ୍ୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମୋକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି।


ବାଦଲ ଭୂୟାଁ

ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ୍ୟ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି।

ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣସିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*

*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୭୫୨୦୭୫*



# ମୋ ଗାଁ

## ରାଜ୍ୟ ସ୍ତରୀୟ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ




ଭୁବନେଶ୍ୱର,(ପି.ଏନ):ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକ ଙ୍କ ଜନ୍ମ ଜୟନ୍ତୀ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବହୁ ଧୁମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ବରେଣ୍ୟ ଅତିଥି ଭାବେ ବଡ଼ମ୍ବା ନରସିଂହପୁରର ଲୋକପ୍ରିୟ ବିଧାୟକ ଶ୍ରୀ ଦେବୀପ୍ରସାଦ ମିଶ୍ର ଯୋଗ ଦେଇ ନିଜର ଉଦବୋଧନରେ କବି ବୈକୁଣ୍ଠନାଥ ପଟ୍ଟନାୟକ ଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଲିଖିତ ଅନେକ କବିତା ଓ ପ୍ରବନ୍ଧ ଆଦି କୁ ମନେ ପକାଇବା ସହ ସ୍ୱାଧୀନତା ସଂଗ୍ରାମୀ ହିସାବରେ ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ବଡ଼ମ୍ବା ବ୍ଲକର ଅଧକ୍ଷ ଶ୍ରୀ ରଘୁପତି ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରବିନ୍ଦ୍ର ସାହୁ, କଟକ ସାଂସଦଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସରପଞ୍ଚ ଶ୍ରୀ ଆଲୋକ ସାହୁ, କମଳଲୋଚ଼ନ ସଂଗ୍ରାମ ସିଂହ,ଯୁବ ସମାଜସେବୀ ସଞ୍ଜୟ ସ୍ୱାଇଁ, ସରୋଜ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ସାମ୍ବାଦିକ ତଥା ବଡ଼ମ୍ବା ପୂଜ୍ୟପୂଜା କମିଟିର ସମ୍ପାଦକ ଅମରେଶ ରଥ, ସାମ୍ବାଦିକ ଗିରିଜା ମିଶ୍ର, ଦ୍ୱିଜରାଜ ବେହେରା,ପ୍ରଦିପ ମହାପାତ୍ର, କୃପା ନିଧି ବିଶ୍ୱାଳ,ଆଇନଜୀବୀ ପ୍ରସନ୍ନ କୁମାର ମଲ୍ଲିକ, ସନ୍ତୋଷ କୁମାର ବେହେରା ଙ୍କ ସହିତ ପୂଜ୍ୟପୂଜା କମିଟିର ସମସ୍ତ ସଦସ୍ୟ ତଥା ବଡ଼ମ୍ବା ର ଅନେକ ସମାଜସେବୀ ଓ ସାହିତ୍ୟ ପ୍ରେମୀ ମାନେ ଯୋଗ ଦେଇ କବିଙ୍କ ସ୍ମୃତି ଚାରଣ କରିଥିଲେ। ପରିଶେଷରେ ବଡ଼ମ୍ବାବାସୀଙ୍କ ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟ ରବିନ୍ଦ୍ର ସାହୁ ଓଡିଶା ସାହିତ୍ୟ ଏକାଡେମୀ ର ସମସ୍ତ ସଦସ୍ୟ ମାନଙ୍କ ସହିତ ଉପସ୍ଥିତ ସମସ୍ତଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଦେଇଥିଲେ।

## ଓରିଙ୍ଗି ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଜଣେ ଉତ୍ତମ ସହପାଠୀ ନାମକ କର୍ମଶାଳା ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଞ୍ଚାୟତ ର ଓରିଙ୍ଗି ସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ପଢୁଥିବା ପିଲାମାନଙ୍କର ଅଭିଭାବକ ମାନଙ୍କୁ ନେଇ ମାଲକାନଗିରି ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଏକ କର୍ମଶାଳାର ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ଶିକ୍ଷା ଅଧିକାରୀ ହୃଷିକେଶ ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ରାସବେଡା ସରପଞ୍ଚ ପ୍ରମିଳା ଗୁପ୍ତା,ନାଏବ ସରପଞ୍ଚ ଇଶ୍ୱର ମୁଦୁଲି ଓ ସମାଜସେବୀ ବାଳକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ସମସ୍ତ ମଞ୍ଚାସିନ ଅତିଥି ମାନେ ଜଗତର ନାଥ ଜଗନ୍ନାଥ ତୈଳ ଚିତ୍ର ରେ ପୁଷ୍ପ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଥିଲା ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱ୍ଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଉଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚ଼ଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଷଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚ଼ାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚ଼ାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚ଼ାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ଟ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷପ୍ଟ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷପ୍ଟ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ମାଲପଡା ନାଗରିକ କମିଟିର ସଭା

ବଲାଙ୍ଗୀର, (ପି.ଏନ): ବଲାଙ୍ଗିର ମାଲପଡା ଠାରେ ନାଗରିକ କମିଟିର ୧୭୫ତମ ମାସିକିଆ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ସଭାପତିତ୍ୱରେ ପଡାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବିଶେଷତଃ ମାଲପଡାର ରାସ୍ତା ଓ ଡ୍ରେନ ଗୁଡିକର ଅବସ୍ଥା ଖରାପ ହୋଇଥିବାରୁ ନୂତନ ପିଚୁ ରାସ୍ତା କରିବା ଓ ଡ୍ରେନ ପ୍ରହରୀ ଛକ ଠାରୁ ପଶ୍ଚିମ ଦିଗକୁ ସିମେଣ୍ଟ କରିବା ପାଇଁ ପ୍ରସ୍ତାବମାନ ହୋଇଥିଲା । ଯେତେ ଥର ମ୍ୟୁନିସିପାଲିଟିକୁ ପ୍ରସ୍ତାବ ଦେଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି । ମଶା, ମାଛି ପ୍ରଦ୍ୟୁଭାବ ବଢୁଥିବାରୁ ଲୋକ ଜର ତପରେ ଆକ୍ରାନ୍ତ ହେଉଛନ୍ତି । ପାନୀୟ ଜଳ ପ୍ରଚୁର ପରିମାଣରେ ଆସୁ ନ ଥିବାରୁ ଲୋକ ବହୁତ କଷ୍ଟ ଅନୁଭବ କରୁଛନ୍ତି । ମାଲପଡା ସ୍କୁଲ ପ୍ରାଙ୍ଗଣର ଅବସ୍ଥା ନ ଦେଖିଲେ ଆପଣମାନେ ଜାଣି ପାରିବେ ନାହିଁ ।




# ଭାରତ ଯୋଡ଼ୋ-ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭାରତ ଯୋଡ଼ୋ- ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ପିସିସି ସଭାପତି, ଏଆଇସିସି କର୍ମକର୍ତା, ପୂର୍ବତନ ଏଆଇସିସି କର୍ମକର୍ତା, ପୂର୍ବତନ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ସାଂସଦ, ବିଧାୟକ, ସାଂସଦ ପ୍ରାର୍ଥୀ, ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସ ସଭାପତି, ଜିଲ୍ଲା ସଂଯୋଜକ, ରାଜ୍ୟ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଜୟରାମ ରମେଶ ଭାରତ ଯୋଡ଼ୋ ଯାତ୍ରା ସଂପର୍କରେ ସୂଚନା ଦେଇଥିଲେ। ଭାରତ ଯୋଡ଼ୋ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ବିଜେପି, ଆରଏସଏସ ଏବଂ ମୋଦି ଭାରତକୁ ବିଭାଜିତ କରିବା ଷଡ଼ଯନ୍ତ୍ର କରୁଛନ୍ତି। ଦେଶରେ ଘୃଣା, ହିଂସା, ଆଂଚଳିକ ବାଦ, ଜାତି, ଧର୍ମ, ଖାଦ୍ୟ ଓ ପୋଷାକର ଭେଦ ସୃଷ୍ଟି କରି ନିର୍ବାଚନୀ ଫାଇଦା ପାଇଁ ଭାରତକୁ ଖଣ୍ଡ ଖଣ୍ଡ କରିବାପାଇଁ ଗୈରିକ ଦଳ ଉଦ୍ୟମ କରୁଛି। ଦେଶରେ ଦାରିଦ୍ର୍ୟ, କ୍ଷୁଧା, ଗରିବି ଓ ଦରଦାମ ବୃଦ୍ଧିର ପରିସ୍ଥିତି ଅଣାୟତ ହୋଇପଡ଼ିଛି। ଦେଶର ସଂପତିକୁ ମୋଦି ତାଙ୍କର ବନ୍ଧୁ ପୁଂଜିପତି ହାତରେ ଟେକି ଦେଉଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଆଜି ଦୁର୍ବଳ ହୋଇପଡ଼ିଛି। ସରକାରୀ କଳର ଅପବ୍ୟବହାର ହେଉଛି, ସେଥିପାଇଁ ଦେଶ ଭାଙ୍ଗିତୁଟି ଯାଉଥିଲା ବେଳେ ଦେଶବାସୀଙ୍କୁ ସାଥିରେ ଧରି ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ଯାତ୍ରାରେ ଆଗେଇ ଚାଲିଛନ୍ତି। ଏହି ଯାତ୍ରାକୁ ସବୁବର୍ଗର ଲୋକ ସମର୍ଥନ ଦେଉଥିଲା ବେଳେ ବିଜେପି ଆରଏସଏସ୍ ଏବଂ ମୋଦିବାଦୀମାନେ ଅସହିଷ୍ଣୁ ହୋଇପଡ଼ି ରାହୁଲ ଗାନ୍ଧୀଙ୍କ ଉପରେ ବିଭିନ୍ନ ଟିପ୍ପଣି ଦେଉଛନ୍ତି। ଭାରତ ଯୋଡ଼ୋ ପଦଯାତ୍ରାକୁ ଓଡ଼ିଶାରେ ଆଗେଇ ନେବାପାଇଁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କ ଯୋଜନା ସଂପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହି ଯାତ୍ରା ରାଜ୍ୟର ୨୬ଟି ଜିଲ୍ଲାର ୨୨୫୦ କି.ମି. ପଦଯାତ୍ରା ଏବଂ ପ୍ରତିଦିନ ୨୦ କି.ମି. ପଦଯାତ୍ରା ହେବ। ଏହି ପଦଯାତ୍ରା ୧୦୦ ଦିନ ଧରି ଅନୁଷ୍ଠିତ ହୋଇ ଜାନୁଆରୀ ୩୦ ତାରିଖରେ ଭୁବନେଶ୍ୱରରେ ସମାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ। ଦୀର୍ଘ ୨୨ ବର୍ଷ ଧରି ନବୀନ ସରକାର ଓଡ଼ିଶାର ଜନସାଧାରଣଙ୍କୁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ବର୍ଷକୁ ୨ଲକ୍ଷ ଚାକିରି, ପ୍ରତ୍ୟେକ ବ୍ଲକରେ ୩୫% ଚାଷଜମିରେ ଜଳସେଚନ ଯୋଗାଇବା, ଉତମ ସ୍ୱାସ୍ଥ୍ୟ ଯୋଗାଇ ଦେବା, କୃଷିଭିତିକ ଶିଳ୍ପ ସହିତ ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ବହୁ କିଛି କରିବାର ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ୨୨ ବର୍ଷ ଭିତରେ ଆଜି ସ୍କୁଲର ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଲକ୍ଷ ଲକ୍ଷ ଯୁବକ ବେକାର, ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଠିକା କର୍ମଚାରୀ ରୂପେ ନିଯୁକ୍ତି ଦିଆଯାଉଛି। କୃଷକ ଆତ୍ମହତ୍ୟା ଓ ସଂଗଠିତ ଅପରାଧରେ ସାଇବର ଠକାଇ ଆଦିରେ ରାଜ୍ୟ ଚରମ ସୀମାରେ ପଂହଚିଲାଣି। ଠିକ୍ ସେହିଭଳି ଭାବରେ ୮ ବର୍ଷ ଭିତରେ ମୋଦି ସରକାର ଭାରତବାସୀଙ୍କୁ ଯେତେସବୁ ପ୍ରତିଶ୍ରୁତି ଦେଇଥିଲେ ଗୋଟିଏ ବି ପ୍ରତିଶ୍ରୁତିକୁ ପାଳନ କରିବାରେ ସମର୍ଥ ହୋଇନାହାନ୍ତି। ୨ କୋଟି ଚାକିରି, ୧୫ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ, କଳାଧନ ଫେରାଇ ଆଣିବା କଥା ଏକ ଭେଳିକିରେ ପରିଣତ ହୋଇଛି। ଦରଦାମ ବୃଦ୍ଧିରେ ଆଜି ସାରାଦେଶ ହନ୍ତସନ୍ତ। ଏହି ପଦଯାତ୍ରାର ସୁପରିଚାଳନା ପାଇଁ ଜିଲ୍ଲା ସଂଯୋଜକ, ବ୍ଲକ ସଂଯୋଜକ ଏବଂ ପଂଚାୟତ ସଂଯୋଜକ, ବୁଥ ସଂଯୋଜକ, ବିଭାଗ, ପ୍ରକୋଷ୍ଠ ଓ ଛାମୁଆ ସଂଗଠନମାନଙ୍କର ସଂଯୋଜକ ନିଯୁକ୍ତ ହୋଇଛନ୍ତି। ପଦଯାତ୍ରା ସମୟରେ ପଂଚାୟତ ସ୍ତରରୁ ସାଧାରଣ ଜନତା ଆସି କିପରି ଏହି ଯାତ୍ରାରେ ଯୋଡ଼ିହେବେ ତାର ଯୋଜନା ପ୍ରସ୍ତୁତ ହୋଇଛି। ପଦଯାତ୍ରା ସମୟରେ ବ୍ୟାପକ ପରିମାଣରେ ପ୍ରଚାରପତ୍ର ଜନସଚେତନା ପାଇଁ ବଂଟନ କରାଯିବ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ପଦଯାତ୍ରା ସମୟରେ ସେ ଅଂଚଳର ସବୁବର୍ଗର ଲୋକଙ୍କ ସହିତ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ଓଡ଼ିଶା ପ୍ରଭାରୀ ଉପସ୍ଥିତ ରହି ବିଭିନ୍ନ ପଦାଧିକାରୀମାନଙ୍କର ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଆରଓ ନିରୋଜ ଡାଙ୍ଗି, ଏଆଇସିସି ସଂପାଦକ ରୁଦ୍ର ରାଜୁ, ଶ୍ରୀ ନିରଂଜନ ପଟ୍ଟନାୟକ, ଶ୍ରୀ ଜୟଦେବ ଜେନା, ଶ୍ରୀ ପ୍ରସାଦ ହରିଚନ୍ଦନ, ସୁଶ୍ରୀ ସୁଶିଳା ତିରିଆ, ଡା. ରାମଚନ୍ଦ୍ର ଖୁଂଟିଆ, ଶ୍ରୀ ଶରତ ରାଉତ, ଶ୍ରୀ ସୁରେଶ କୁମାର ରାଉତରାୟ, ଶ୍ରୀ ତାରାପ୍ରସାଦ ବାହିନୀପତି, ଶ୍ରୀ ସନ୍ତୋଷ ସିଂ ସାଲୁଜା, ଶ୍ରୀ ରମେଶ ଜେନା, ଶ୍ରୀ ରାଜନ ଏକା, ଶ୍ରୀ ଭୁଜବଳ ମାଝୀ, ଶ୍ରୀ ସୁରେଶ କୁମାର ମହାପାତ୍ର, ଶ୍ରୀ ଗଣେଶ୍ୱର ବେହେରା, ଶ୍ରୀ ରବିନ୍ଦ୍ର କୁମାର ସେଠୀ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାଶ, ମନୋରଂଜନ ଦାଶ, ମାନସ ଚୌଧୁରୀ, ଲଲାଟେନ୍ଦୁ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ସୁରେନ୍ଦ୍ର ସିଂ ଭୋଇ, ନବଜ୍ୟୋତି ପଟ୍ଟନାୟକ, ଅଭିଷେକ ମହାନନ୍ଦ, ଉମାବଲ୍ଲଭ ରଥ, ବନ୍ଦିତା ପରିଡ଼ା, ୟାସିର ନୱାଜ, ସ୍ମୃତିରଂଜନ ଲେଙ୍କା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମନୋଜ ରାଉତ, ସୁବ୍ରତ ମହାପାତ୍ର, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଲବାଣୀ ଟାଉନ୍ ଥାନା ପୋଲିସ ଦ୍ୱାରା ଚୋରି ହୋଇଥିବା ନଗଦ ଟଙ୍କା ସହ ସାମଗ୍ରୀ ଜବତ ,୧ ଗିରଫ

କନ୍ଧମାଳ,(ପି.ଏନ): ଫୁଲବାଣୀ ବ୍ଲକ ଛକ ନିକଟସ୍ଥ ମା ବରାଳଦେବୀ ଷ୍ଟୋରରୁ ଗତ ମାସ ବୁଧବାର ୩୦ ଅଗଷ୍ଟ ରାତିରେ ଦୁଇ ଲକ୍ଷରୁ ଉର୍ଦ୍ଧ ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ଘଟଣାରେ ଫୁଲବାଣୀ ଟାଉନ ଥାନା ପୋଲିସ ଅଭିଯୁକ୍ତକୁ ଗିରଫ୍ କରିଛି। ଏହି ଚୋରି ଘଟଣାରେ ଦୁଇ ଅଭିଯୁକ୍ତ ମଧ୍ୟରୁ ଜଣକୁ ଗିରଫ କରିବା ସହ ତା ନିକଟ ରୁ ନଗଦ ଚାଳିଶ ହଜାର ଟଙ୍କା ଜବତ କରିଛି ଟାଉନ ଥାନା ପୋଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମର ରାଜା ରାମ ସ୍ୱାଇଁ ଓରଫ ରାଜା। ଅନ୍ୟ ଜଣେ ଅଭିଯୁକ୍ତ କୁ ପୋଲିସ ଖୋଜୁଛି।ସୂଚନା ପ୍ରକାରେ ଦୋକାନ ମାଲିକ ତ୍ରିଲୋଚନ ମହାପାତ୍ର ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କଲାପରେ ପୋଲିସ ଏହି ସଂକ୍ରାନ୍ତରେ ଏକ ମାମଲା ୨୨୩/ ୨୦୨୩ ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ଅଭିଯୁକ୍ତ ଉପରେ ନଜ଼ର ରଖିଥିଲା। ଏହି ଘଟଣାରେ ପୋଲିସ ସିସିଟିଭି ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ଜଣକୁ ଅଟକ ରଖି ପଚାର ଉଚରା କରି ତଥ୍ୟ ସଂଗ୍ରହ। ଦୋକାନରେ କାମ କରୁଥିବା ରାଜା ସ୍ୱାଇଁ ଓ ତାର ଅନ୍ୟ ଜଣେ ସହଯୋଗୀ ମିଶି ସ୍କାଇଲାଇଟ ଭାଙ୍ଗି ଭିତରେ ପଶି ଚୋରି କରିଥିବା ଜଣାପଡ଼ିଛି। ପୋଲିସ ଏକ ଟିମ କରି ଅଭିଯୁକ୍ତକୁ ଗୋଡ଼ାଇ ଗୋଡ଼ାଇ ଗଣିଆ ରେ ପହଂଚି ଅନ୍ୟ ଅଭିଯୁକ୍ତ ମାନ ଙ୍କୁ ଠାବ କରିଥିଲା। ଉକ୍ତ ଦିନ ଅଭିଯୁକ୍ତ ଜଙ୍ଗଲ ଭିତରକୁ ପଳାଇ ଫେରାର ହୋଇଯାଇ ଥିଲା। ଆଜି ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ନେଇ ଫୁଲବାଣୀ ଟାଉନ୍ ଥାନା ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୁଚନା ପ୍ରଦାନ କରାଯାଇଛି ।

# ୩ ଦିବ୍ୟାଙ୍ଗଙ୍କୁ ସହାୟତାର ହାତ ବଢ଼ାଇ ଚର୍ଚ୍ଚାରେ ଉପଜିଲ୍ଲାପାଳ

ଖୋର୍ଦ୍ଧା,(ପି.ଏନ): ତିନି ଦିବ୍ୟାଙ୍ଗ ରାଜରାସ୍ତାରେ ଭିକ୍ଷା ବୃତ୍ତି କରୁଥିବା ଦେଖି ସେମାନଙ୍କୁ ସହାୟତାର ହାତ ବଢ଼ାଇ ଏବେ ଚର୍ଚ୍ଚାରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଦିପ୍ତୀରଞ୍ଜନ ସେଠୀ।ଉପଜିଲ୍ଲାପାଳ ଶ୍ରୀ ସେଠୀ କୌଣସି କାମରେ ଭୁବନେଶ୍ୱର ଯାଉଥିବା ସମୟରେ ମୁକୁନ୍ଦପ୍ରସାଦ ରାସ୍ତାରେ ତିନି ଜଣ ଦିବ୍ୟାଙ୍ଗ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଡରେ ଭିକ୍ଷା ମାଗୁଥିବର ଦୃଶ୍ୟ ଦେଖିଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗଙ୍କ ଦୁଇ ଗୋଟି ଗୋଡ଼ ନଥିବାରୁ ସେ ରୋଡରେ ଗଡି ଗଡି ଭିକ୍ଷା ମାଗୁଥିଲେ।ଏପରିକି ସାଙ୍ଗରେ ଥିବା ଅନ୍ୟ ଦୁଇ ଦିବ୍ୟାଙ୍ଗଙ୍କ ଗୋଟିଏ ଲେଖାଏଁ ଗୋଡ଼ ଥିଲା। ହେଲେ ହୁଇଲ ଚେୟାରରେ ଜଣେ ଦିବ୍ୟାଙ୍ଗ ବସିଥିବା ବେଳେ ଅନ୍ୟ ଜଣେ ଦିବ୍ୟାଙ୍ଗ ଟାଣ ଖରାରେ ହୁଇଲ ଚେୟାରକୁ ଠେଲି ଠେଲି ନେଉଥିଲେ। ସେମାନେ ରାଜ୍ୟ ବାହାରର ହୋଇଥିବା ଜଣାପଡିଥିଲା।ଏଭଳି ଦୃଶ୍ୟ ଦେଖି ଉପ ଜିଲ୍ଲାପାଳ ନିଜ ଗାଡ଼ିରୁ ଓହ୍ଲାଇ ସେମାନଙ୍କ ପାଖକୁ ଯାଇଥିଲେ।ଏମାନଙ୍କ ସହ କଥା ହେବା ପରେ ସମସ୍ତ ତିନି ଦିବ୍ୟାଙ୍ଗଙ୍କୁ ଗୁରୁଜଙ୍ଗସ୍ଥିତ ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟରକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ସମସ୍ତ ଦିବ୍ୟାଙ୍ଗ ମାନଙ୍କର କୃତିମ ଗୋଡ଼ ଲଗାଯାଇଥିଲା। ଏପରିକି ଉପଜିଲ୍ଲାପାଳ ଶ୍ରୀ ସେଠୀ ବ୍ୟକ୍ତିଗତ ଭାବେ ସେମାନଙ୍କ ଅନ୍ୟ ସୁବିଧା କରାଇ ଥିବା ଜଣାପଡିଛି।

## ପଂଜିକୃତ କୁକୁଡା ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ

ଧର୍ମଶାଳା (ପିଏନ୍): ଧର୍ମଶାଳା ପଶୁ ଚିକିତ୍ସାଳୟ ପକ୍ଷରୁ ଚଳିତ ବର୍ଷ କୁକୁଡା ଚାଷ ପାଇଁ ୪୦ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଗତ ଶନିବାର ଦିନ ସେମାନଙ୍କ ମଧ୍ୟରୁ ୨୩ଜଣ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଧର୍ମଶାଳା ପଶୁ ଚିକିତ୍ସାଳୟ ପରିସରରେ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବରେ ପଶୁ ଚିକିତ୍ସାଧିକାରୀ ଡା. ରଂଜନ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କୁକୁଡା ଚାଷ ମାଧ୍ୟମରେ ବେକାର ଯୁବକ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ ପ୍ଲାନ ସ୍କିମରେ ୪୦ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମ ଦଫାରେ ଚିହ୍ନଟ ୨୩ ଜଣ ଚାଷୀଙ୍କୁ ତାଲିମ ଦିଆଯାଇ ୫ଶହ କୁକୁଡା ଚାଷ ପାଇଁ ଜଣକା ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ଆକାରରେ ପ୍ରଦାନ କରାଯିବ। ଏହି ଋଣ ପରିମାଣରେ ଚାଷୀମାନଙ୍କ ପାଇଁ ୪୦ ଭାଗ ବା ୭୨ ହଜାର ଟଙ୍କା ସବସିଡି ରହିଛି। ପ୍ରମାଣ ପତ୍ର ନେଇଥିବା ଚାଷୀମାନେ ହେଲେ କୋତପୁରର ହରିହର ସାମଲ, ବିଷ୍ଣୁ ଚରଣ ସାମଲ, ଅରାବଳର ଉତ୍କଳ କେଶରୀ ସାମଲ, ଇମାମନଗରର ଅନ୍ତର୍ଯ୍ୟାମି ପାଳ, ବୃନ୍ଦାଦେଇପୁରର ପ୍ରମୋଦ କୁମାର ବସ୍ତିଆ ଓ ସମ୍ପାରୁ ଗ୍ରାମର ଲଲାଟେନ୍ଦୁ ଖୁଂଟିଆ ପ୍ରମୁଖ ଚାଷୀ ରହିଛନ୍ତି। କୁକୁଡା ଚାଷୀ ଚିହ୍ନଟ ପ୍ରକ୍ରିୟାରେ ଅତିରିକ୍ତ ପଶୁ ଡାକ୍ତର ସୁବାସ ଚନ୍ଦ୍ର ଜେନା, ଡା. ଦୀପ୍ତିମୟୀ ସାହୁ ପ୍ରମୁଖ ସହାୟତା କରିଥିଲେ। ଧର୍ମଶାଳା ବିଧାୟକ ଶ୍ରୀ ବଳବନ୍ତରାୟ ଆଶାବ୍ୟକ୍ତ କରିଛନ୍ତି ଯେ କୁକୁଡା ଚାଷୀମାନେ ଋଣକୁ ଠିକ ଭାବେ ବ୍ୟବହାର କଲେ ସେମାନେ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସଠିକ ବିନି ଯୋଗ କରିବେ ବୋଲି ପରାମର୍ଶ ଦେଇଥିଲେ।

# ଆରୁହା କଳାପଥର ଖାଦାନରେ ଅର୍ଥନୈତିକ ଅପରାଧ ଶାଖାର ତଦନ୍ତ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ହୋଇଥିବା କୋଟି କୋଟି କୋଟି ଟଙ୍କାର ଦୁର୍ନିତିର ତଦନ୍ତ ପାଇଁ ଗତକାଲି ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ କରାଯାଇଛି । ସୂଚନାଯୋଗ୍ୟ ଯେ ଆରୁହା କଳାପଥର ଖାଦାନର ୩ ଏକର ଅଂଚଳକୁ ଆରୁହା ଅଂଚଳର ତ୍ରିନାଥ ଜେନା ୧୪/୧୨/୨୦୧୭ ମସିହାରେ ୫ ବର୍ଷ ପାଇଁ ଲିଜ ନେଇଥିଲେ । ମାତ୍ର ଲିଜଧାରୀ ଶ୍ରୀ ଜେନା ତିନି ଏକରରୁ ଉର୍ଦ୍ଧ ଅଂଚଳରୁ ବ୍ୟାପକ ଖନନ କରି କଳାପଥର ଲୁଟ କରିନେଇଥିବା ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧର କରି ଲୋକାୟୁକ୍ତ ୩୫୫/ ୨୦ରେ ଏକ କେଶ ରୁଜୁ କରିଥିଲେ। ଏହି ମାମଲାରେ ଏକ ମିଳିତ ତଦନ୍ତ କରିବାକୁ ଲୋକାୟୁକ୍ତ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ ରାଜସ୍ୱ ଅକ୍ଷୟ କୁମାର ମଲିକଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଏକ ଟିମ ଆସି ସରଜମିନ ତଦନ୍ତ କରିଥିଲେ । ତଦନ୍ତରୁ ଲିଜ ଅଂଚଳ ବାହାରୁ ବ୍ୟାପକ କଳାପଥର ଲୁଟ ହୋଇଥିବା ଜଣାପଡିଥିଲା। ଏହି ବାବଦକୁ ଲିଜଧାରୀ ଉପରେ ପାଖାପାଖି ୨୫ କୋଟି ଟଙ୍କାର ଜୋରିମାନା କରିଥିଲେ । ଏଥିରେ ଲିଜଧାରୀ ସମେତ ତତ୍କାଳିନ ଆରଆଇ, ତହସିଲଦାର ଓ ପୁଲିସ ସହଯୋଗରେ ଏହି ଲୁଟ ହୋଇଥିବା ନେଇ ଜଣାପଡିବା ପରେ ଏହାର ତଦନ୍ତ ପାଇଁ ଲୋକାୟୁକ୍ତ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ମୁତାବକ ଗତକାଲି ଇଓଡବ୍ଲୁଡି ଏସପି ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ପରିବେଶ ବିଭାଗ, ଖଣିଜ ବିଭାଗ, ଜିଓଲୋଜି ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଅଧୁନିକ ଜ୍ଞାନକୌଶଳ ମାଧ୍ୟମରେ ମାପଚୁପ କରିଥିଲେ। ଏହି ତଦନ୍ତ ସମୟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଆରୁହା ଆରଆଇ ମନୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ପାଇକ ଏକ ଜାତି ନୁହେଁ, ଏକ ସାମରିକ ସଂସ୍କୃତି



ଖୋର୍ଦ୍ଧା (ପିଏନ୍): 'ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ନବ ଉନ୍ମେଷ-୧୮୧୭ ପାଇକ ବିଦ୍ରୋହ' ଶୀର୍ଷକ ଆଲୋଚନାଚକ୍ର କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସତକୁ ଲୋକଲୋଚନକୁ ଆଣିବା, ବିଭ୍ରାନ୍ତିକୁ ରୋକିବା ବୋଲି ସୂଚନା ଦେଇଥିଲେ। ବକ୍ସି ଜଗବନ୍ଧୁ ସ୍ମାରକ ମଂଚର ସମ୍ପାଦକ ସମରେନ୍ଦ୍ର ବଳିଆରସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି କହିଥିଲେ ଯେ, ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନିଜ ଗ୍ରାମ ରୋଡଙ୍ଗରୁ ବିଦ୍ରୋହର ସୂତ୍ରପାତ ହୋଇ ବିଭିନ୍ନ ଅଂଚଳକୁ ବ୍ୟାପିଥିଲା। ୧୮୧୭ ପାଇକ ବିଦ୍ରୋହକୁ ନେଇ ଇତିହାସ ଅତ୍ୟନ୍ତ ସ୍ପଷ୍ଟ ଥିଲେ ମଧ୍ୟ ଏ ନେଇ ସୃଷ୍ଟିକରାଯାଉଥିବା ବିଭିନ୍ନ କପୋଳକଳ୍ପିତ ଘଟଣାଗୁଡ଼ିକ ଆମ ଓଡ଼ିଆ ଏକତାର ପରିପନ୍ଥୀ। ଏ ନେଇ ଐତିହାସିକ, ବୁଦ୍ଧିଜୀବୀ, ପାଇକ ସମୁଦାୟ ଏକତ୍ର ହେବାକୁ ସେ ଆହ୍ୱାନ ଦେଇଥିଲେ। ନିରାକାରପୁର କ୍ଷେତ୍ରବାସୀ କେ.ବି.ଡି.ଏ.ଭି. କଲେଜର ଇତିହାସ ବିଭାଗ ମୁଖ୍ୟ ଡ. ପ୍ରତିଭାମୟୀ ମିତ୍ର ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ଓଡ଼ିଆ ପାଇକ କୌଣସି ଗୁଣରେ ଇଂରେଜ ସୈନ୍ୟଙ୍କ ଠାରୁ କମ୍ ନ ଥିଲେ। ପାଇକଙ୍କ ସମେତ ରୟତ, ଜମିଦାର, ରାଜା ସମସ୍ତେ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଥିଲେ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଂଟର ପ୍ରଫେସର ଡ. ରବିନାରାୟଣ ସୁବୁଦ୍ଧି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଏକଦା ଗଂଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଆମର ଭୂଖଣ୍ଡ ପରିବ୍ୟାପ୍ତ ଥିଲା। ତେବେ ଏତେବଡ଼ ସାମ୍ରାଜ୍ୟ ଭୁଷୁଡ଼ିପଡ଼ିବା ପଛର କାରଣ ଥିଲା ଆକ୍ରମଣକାରୀମାନେ ସୁସଂଗଠିତ ଥିଲେ। ଏଥିସହ ଗୃହଶତ୍ରୁମାନେ ସେମାନଙ୍କୁ ସହଯୋଗ କଲେ, ଯାହାଫଳରେ ଧୀରେ ଧୀରେ ଆମେ ପରାଧୀନତା ଆଡ଼କୁ ଠେଲିହେଇଗଲୁ। ତେବେ ୧୮୧୭ ପାଇକ ବିଦ୍ରୋହ ଏଭଳି ଏକ ନିଆଁ ଥିଲା, ଯାହା ଏ ଦେଶର ସ୍ୱାଧୀନତା ପାଇଁ ବଳ ଯୋଗାଇଥିଲା। ଉତ୍ସବର ଅନ୍ୟତମ ଆଲୋଚକ ବାଇକଂଟିଆର କାର୍ଯ୍ୟକାରୀ ସମ୍ପାଦକ ତଥା ଗବେଷକ ମଦନମୋହନ ମହାପାତ୍ର ମତ ଦେଇଥିଲେ ଯେ, ଇଂରେଜମାନେ ଆମ ଅର୍ଥନୀତିକୁ ତଳିତଳାନ୍ତ କରିଦେଇଥିଲେ। ତେବେ ବକ୍ସି ଜଗବନ୍ଧୁଙ୍କ ଗରିଲା ଲଢେଇ ତଥା କୂଟନୀତି ଇଂରେଜମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା। ପାଇକବାହିନୀ ପକ୍ଷରୁ ଏଭଳି ରଣକୌଶଳରେ ସେମାନେ ଅପ୍ରସ୍ତୁତ ହୋଇପଡ଼ିଥିଲେ। ଉତ୍କଳ ବିକାଶ ପରିଷଦର ସଚିବ ଇଂ ଋଷି ଗୁମାନସିଂହ ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ୧୮୧୮ରେ ଖୋର୍ଦ୍ଧା, କଟକ, ବାଲେଶ୍ୱରରେ ପାଇକମାନଙ୍କୁ ନେଇ ଓଡ଼ିଶା କଂପାନୀ ପାଇକ ରେଜିମେଂଟ୍ ଥିଲା। ତେଣୁ ସାଂପ୍ରତିକ ସମୟରେ ପାଇକ ରେଜିମେଂଟର ବିଶେଷ ଆବଶ୍ୟକତା ରହିଛି। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦରର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଶୋକ କୁମାର ରାୟସିଂହ କହିଥିଲେ ଯେ, ସାମ୍ରାଜ୍ୟବାଦ ବିରୋଧରେ ପାଇକ ବିଦ୍ରୋହ ଏକ ବଡ଼ ବିଦ୍ରୋହ ଭାବେ ଉଭା ହୋଇଥିଲା। ଏହି ଆଲୋଚନାଚକ୍ରରେ ସମୀକ୍ଷକ ଭାବେ କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ ଶିଶିର କୁମାର ନାୟକ ଯୋଗଦେଇ କହିଥିଲେ ଯେ, ପାଇକ ଏକ ଜାତି ନୁହେଁ, ଏକ ସାମରିକ ସଂସ୍କୃତି। ଏହି ସଂସ୍କୃତି ପାଇଁ ସାରା ଦେଶ ଗର୍ବିତ। କେନ୍ଦ୍ର ସରକାର ପାଇକ ବିଦ୍ରୋହର ଦୁଇ ଶତ ବର୍ଷ ପୂର୍ତି ଉତ୍ସବ ପାଳନ କରିବା ସହ ଅଷ୍ଟମ ଶ୍ରେଣୀର ଏନସିଆରଟି ବହିରେ ଏହାକୁ ସ୍ଥାନ ଦେଇଛନ୍ତି। ତେଣୁ ବରୁଣେଇରେ ପାଇକ ସ୍ମାରକୀ ପ୍ରତିଷ୍ଠା ପାଇଁ ଯେଉଁ ଉଦ୍ୟମ ଚାଲିଚି, ତାହା ଯେ କୌଣସି ପରିସ୍ଥିତିରେ ସଫଳ ହେବ। ଏଥିରେ କେହି ପ୍ରତିବନ୍ଧକ ସାଜିଲେ ଇତିହାସ କ୍ଷମା ଦେବନାହିଁ। ଅନ୍ୟମାନଙ୍କ ମଧ୍ୟରେ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସଏଦ୍ ଅବଦୁଲ କଲାମ ଆଜାଦ୍, ପ୍ରଭାକର ପାଲଟାସିଂହ, ଶ୍ରୀରଂଜନ ମଙ୍ଗରାଜ, ପ୍ରଦୀପ ବିଶ୍ୱାଳ, ପ୍ରଫୁଲ୍ଲ ସାମନ୍ତରାୟ, ବୈଦ୍ୟନାଥ ବରାଳ, ରଶ୍ମୀତା ନାୟକ, ନିରଂଜନ ସାମନ୍ତସିଂହାର, ଡ. ଦେବେନ୍ଦ୍ରନାଥ ମାନସିଂହ, ବିଭୁଦେନ୍ଦ୍ର କେଶରୀ ଭୋଳ, ଶକ୍ତିଧର ମହାପାତ୍ର, ଗତିକୃଷ୍ଣ ଉତରକବାଟ, ଗୋବିନ୍ଦ ଚନ୍ଦ୍ର ମହାରଣା, ନିରଂଜନ ପଶ୍ଚିମକବାଟ, ବିକ୍ରମ ଚମ୍ପତି, ରମେଶ ଚନ୍ଦ୍ର ପାତାଳସିଂହ, ମଦନମୋହନ ମହାପାତ୍ର, ସଂଗ୍ରାମ ଜଗଦେବ, ଚୈତନ୍ୟ ଜେନା ପ୍ରମୁଖ ବହୁବ୍ୟକ୍ତି ସଂକ୍ଷେପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା, ଡେଲାଙ୍ଗ, ବାଣପୁର, ବେଗୁନିଆ, ଜଟଣୀ, ଭୁବନେଶ୍ୱର ଆଦି ବିଭିନ୍ନ ଅଂଚଳରୁ ଆସିଥିବା ପାଇକଗୁରୁ, ପାଇକ ବଂଶଧରମାନେ ଏଥିରେ ଯୋଗଦେଇଥିଲେ। ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଧରଣୀଧର ଛୋଟରାୟଙ୍କ ନେତୃତ୍ୱରେ କଳିଙ୍ଗ ପାଇକ ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାର୍ବଣ ଯାତ୍ରା ନିମନ୍ତେ ବିରଜା ସେବାସମିତିର ସ୍ୱତନ୍ତ୍ର ବୈଠକ

ଯାଜପୁର (ପିଏନ୍): ମା' ବିରଜାଙ୍କ ଆସନ୍ତା ପାର୍ବଣ ଯାତ୍ରା ନିମନ୍ତେ ଗତକାଲି ଏକ ସ୍ୱତନ୍ତ୍ର ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପାଣ୍ଡବ ସାହୁ ଅସୁସ୍ଥ ହୋଇ କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ସଭାପତି ଶ୍ରୀ ମିଶ୍ର ମା'ଙ୍କର ମହାସପ୍ତମୀ, ମହାଷ୍ଟମୀ, ମହାନବମୀର ସେବା ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ସାମାନ୍ୟ ସୂଚନା ଦେବାପରେ ଉପସଭାପତି ଶ୍ରୀ ଦ୍ୱିବେଦୀ ଏହାଉପରେ ସଭ୍ୟମାନଙ୍କ ମଧ୍ୟରେ ଆଲୋଚନା କରିଥିଲେ। ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ବ୍ରହ୍ମାକୁଣ୍ଡ ନିକଟରେ ମ ପ୍ରସ୍ତୁତ କରି ମା'ଙ୍କ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ଓ ଏହାସହ ଭଜନ ପରିବେଷଣ ମଧ୍ୟ କରାଯିବାକୁ ସ୍ଥିର ହେଲା। ବକ୍ତାମାନଙ୍କୁ ନିମନ୍ତ୍ରଣ କରିବା ଦାୟିତ୍ୱ ବରିଷ୍ଠ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁଙ୍କୁ ଦିଆଗଲା। ମଂଚରେ ଭଜନ ପରିବେଷଣ ପାଇଁ ଉମାକାନ୍ତ ପାଢ଼ୀ ଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଅନୁରୋଧ କରାଗଲା। ଟେଣ୍ଟ ହାଉସ୍ ମାଲିକ ଅଶୋକ କୁମାର ପାଣିଙ୍କୁ ମ ସଜା ଓ ମାଇକ୍ ସେଟ୍ ଦେବାକୁ କୁହାଗଲା। ମ ସଜା ପାଣ୍ଡବ ସାହୁ ଓ ଭରତ ଚନ୍ଦ୍ର ସାହୁଙ୍କ ଉପରେ ନ୍ୟସ୍ତ କରାଗଲା। ମହାଷ୍ଟମୀରେ ମା'ଙ୍କର କାନିକା ପ୍ରସାଦ ପ୍ରସ୍ତୁତ ଦାୟିତ୍ୱ ବିଜୟ କୁମାର ପଣ୍ଡା ଓ ହିମାଂଶୁଭୂଷଣ ନନ୍ଦ ନେଲେ। ପ୍ରସାଦ ବଣ୍ଟନ ସମୟରେ ଭରତ ଚନ୍ଦ୍ର ସାହୁ, ବୃନ୍ଦାବନ ମିଶ୍ର ଓ ମଧୁସୂଦନ ମହାନ୍ତିଙ୍କୁ ଦାୟିତ୍ୱ ଦିଆଗଲା। ମଂଚରେ କାଗଜପତ୍ର କାର୍ଯ୍ୟ କରିବାକୁ କ୍ଷୀରୋଦ ଚନ୍ଦ୍ର ପାଠୀଙ୍କୁ ଦାୟିତ୍ୱ ଦିଆଗଲା। ଆସନ୍ତା ସେପ୍ଟେମ୍ବର ୨୬ ତାରିଖ ସୋମବାର ଦିନ ୪.୩୦ ସମୟେରେ ସେବା ସମିତିର ଚୂଡାନ୍ତ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମିତିର ସମସ୍ତ ସଭ୍ୟ ବହୁସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରାଗଲା। ଏହି ସମସ୍ତ କାର୍ଯ୍ୟ ତଦାରଖ କରିବା ନିମନ୍ତେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ମହାନ୍ତି ଓ ଗଦାଧର ରାଉତଙ୍କୁ ଅନୁରୋଧ କରାଗଲା। ସମ୍ପାଦକ ପାଣ୍ଡବ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରି ମା'ଙ୍କୁ ଜଣାଗଲା। ଶେଷରେ ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/-(One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Friday September 1, 2023 | ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୧,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# କଂଗ୍ରେସ ଦ୍ୱାରା ସେମିଳିଗୁଡା ସମିତି କାର୍ଯ୍ୟାଳୟ ଘେରାଉ



ସେମିଳିଗୁଡା,(ପି.ଏନ): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଡ଼ାକରାରେ ପଟାଙ୍ଗି ନିର୍ବାଚ଼ନ ମଣ୍ଡଳୀରେ ସେମିଳିଗୁଡା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ସେମିଳିଗୁଡା ସମିତି କାର୍ଯ୍ୟାଳୟ ଘେରାଉ କରିବା ସହ ବିଡିଓ ଙ୍କ ଜରିଆରେ ମାନ୍ୟବର ରାଜ୍ୟପାଳଙ୍କୁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ସେମିଳିଗୁଡା ବସଷ୍ଟାଣ୍ଡ ରୁ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଏକ ବିଶାଳ ଶୋଭାଯାତ୍ରା କରି ସେମିଳିଗୁଡା ସମିତି କାର୍ଯ୍ୟାଳୟ କୁ ପଉଁଛି କାର୍ଯ୍ୟାଳୟ କୁ ଘେରାଉ କରିଥିଲେ। ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସେମିଳିଗୁଡା ଗୋଷ୍ଠି ଉନ୍ନୟନ ଅଧିକାରୀ ସବ୍ୟ ସାଚ଼ି ବେହେରା ଙ୍କ ଜରିଆରେ ମାନ୍ୟବର ରାଜ୍ୟପାଳଙ୍କୁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା ।ବ୍ଲକ ରେ ହେଉଥିବା ବ୍ୟାପକ ପିସି କାରବାର, ଆବାସ ଯୋଜନାରେ ଦୁର୍ନୀତି,ଅହେତୁକ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା,ନାରୀ ନିର୍ଯାତନା, ଚ଼ାଷୀ ମାରଣ ନୀତି,ଟାଟା କମ୍ପାନୀ ର ଶୋଷଣ ଇତ୍ୟାଦି ୯ ଦାବି ଉକ୍ତ ଦାବି ପାତ୍ର ରେ ଉଲେକ୍ୟା କରୁଛନ୍ତି ।ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଙ୍କ ବିରୋଧ ରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲାସହିତ ଯଦି ପିସି କାରବାର ବନ୍ଦ ନକରାଯିବ ତାହାଲେ ଆଗାମୀ ଦିନରେ ପଟାଙ୍ଗି କଂଗ୍ରେସ ରାଜରାସ୍ତା କୁ ଓଲ୍ହାଁ ବ ବୋଲି ବ୍ଲକ ବିଡିଓ ଙ୍କୁ ନେତା ଙ୍କ ଦ୍ୱାରା ଚେତାବନୀ ଦିଆଗଲା ।ବ୍ଲକ୍ କଂଗ୍ରେସ ସଭାପତି ସୋନିଆ ମାଝୀ ଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ରାମ ଚ଼ନ୍ଦ୍ର କାଡାମ ,ଜିଲ୍ଲା ପରିଷଦ ସଦସ୍ୟ ଯୋଷଧା ଖିଲ,ମୋହନ ଜାନି,ସଂସଦ ପ୍ରତିନିଧି ଜଗତ ରାୟ କିନ ବୁଡ଼ି, ସମାଜ ସେବୀ ସମ୍ପା ପାଙ୍ଗି, ପଟାଙ୍ଗି ନିର୍ବାଚ଼ନ ମଣ୍ଡଳୀ ଯୁବ ସଭାପତି ଜଗଦିଶ ବାଘ,ଛାତ୍ର କଂଗ୍ରେସ ସଭାପତି ଡମ୍ବରୁ ଗୁଣ୍ଟା,ରଜପୁଟ ସରପଞ୍ଚ ପିତାମ୍ବର କିର୍ଷନୀ, ନେତା ଅଶୋକ କନ୍ଦପାନ ,କମୁଲୁ ଧଡକା ,ରାଜେନ୍ଦ୍ର ପାଙ୍ଗି ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।ଶେଷ ରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦୁର୍ଗା ଶଙ୍କର ସାହୁ ମଧ ଆନ୍ଦୋଳନ ରେ ସାମିଲ ହୋଇ ଥିଲେ।

# ବିଜେପିର ଭୋଟର ସଚେତନତା ଅଭିଯାନ

ନିମାପଡ଼ା,(ପି.ଏନ): ନିମାପଡ଼ା ସ୍ଥିତ ଶ୍ରୀରାମ କଲ୍ୟାଣ ମଣ୍ଡପ ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ନିର୍ବାଚ଼ନ ମଣ୍ଡଳୀ ସ୍ତରୀୟ ଭୋଟର ସଚେତନତା ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି ।୨୦୨୪ ନିର୍ବାଚ଼ନ ପରିପ୍ରେକ୍ଷୀରେ ଭୋଟର ସଂଶୋଧନ ପ୍ରକ୍ରିୟା ଜାରି ରହିଛି। ଏଥିରେ ନବାଗତ ଭୋଟର ମାନଙ୍କୁ ଦଳୀୟ କାର୍ଯ୍ୟକ୍ରମ ରେ ସାମିଲ କରାଇବା ପାଇଁ ବିଜେପି ଜିଲ୍ଲା ସଭାପତି ଶ୍ରୀ ଆଶ୍ରିତ ପଟ୍ଟନାୟକ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଙ୍କ ଆହ୍ୱାନରେ ପ୍ରତ୍ୟେକ ପଞ୍ଚାୟତ ରେ ରାଜ୍ୟ ସରକାର ଙ୍କ ଭ୍ରଷ୍ଟାଚ଼ାର ବିରୋଧରେ ପଞ୍ଚାୟତ ଘେରାଉ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇ ଥିଲା ।ଆସନ୍ତା ଅଗଷ୍ଟ ୩୧ ତାରିଖ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ହିତାଧିକାରୀ ଚ଼ୟନରେ ଚ଼ଞ୍ଚକତା ,ଭତ୍ତା ବଣ୍ଟନ ରେ ଅନିୟମିତତା ,ବିନା ପଲ୍ଲୀସଭା ରେ ବିକାଶ କାର୍ଯ୍ୟର ଚ଼ିଠା ପ୍ରସ୍ତୁତ କୁ ଭାରତୀୟ ଜନତା ପାର୍ଟି ବିରୋଧ କରିବ ।ଭ୍ରଷ୍ଟାଚ଼ାର ର ବିରୋଧ ପଞ୍ଚାୟତ ସ୍ତରରେ ଦଳକୁ ମଜବୁତ୍ କରିବା ପାଇଁ ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ା ,ଯୁବନେତା ଦିଲ୍ଲିପ ନାୟକ ,ବିଧାନସଭା ପ୍ରଭାରୀ ରତିକାନ୍ତ ବେହେରା ,ସଂଯୋଜକ ପ୍ରଦିପକୁମାର ନାୟକ,ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ସ୍ୱାଇଁ ,ପୂର୍ଣ୍ଣଚ଼ନ୍ଦ୍ର ଓଝା ,ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ପ୍ରମୁଖ ନିଜ ନିଜ ର ବକ୍ତବ୍ୟ ରଖିଥିଲେ ।ନିମାପଡ଼ା ନଗର ସଭାପତି କାଉନସିଲର ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶଯ୍ୟାଶାୟୀ ପଦ୍ମେ ପ୍ରତି ପ୍ରଶାସନର ନଜର କେବେ

ନୂଆପଡ଼ା,(ପି.ଏନ): ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଂଚ଼ାୟତ ବେଲରଦନା ଗାଁ ର ପଦ୍ମେ ମାଝି (୫୦) ଅଜଣା ରୋଗରେ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଶଯ୍ୟାଶାୟୀ ହୋଇ ପଡିଛନ୍ତି । ଅର୍ଥ ଅଭାବରୁ ଚ଼ିକିତ୍ସିତ ହୋଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚ଼ନା ମତେ ସିଆଲଲଟି ପଂଚ଼ାୟତ ବେଲରଦନା ଗାଁ ର ଚ଼ିନିଲାଲ ମାଝି (୫୫) ସ୍ତ୍ରୀ ପଦ୍ମେ (୫୦) ୪ ଝିଅପୁଅ ମୋହନ (୨୦), ଜାନକି (୧୬),ଭଗବାନୀ(୧୩) ଓ ନିନିତା ୯ କୁ ନେଇ ପରିବାର ଖୁସିରେ ଚ଼ଳି ଆସୁଥିଲେ ଓ ଝିଅପୁଅଙ୍କୁ ପାଠ ପଢାରେ ମନ ଦେଇଥିଲେ । ପଦ୍ମେ ଅଜଣା ରୋଗରେ ପଡିଲା ପରେ ବିଭିନ୍ନ ଡାକ୍ତଖାନା ନେଇ ସବୁ ଖର୍ଚ୍ଚ ହୋଇ ଯିବାରୁ ଝିଅପୁଅଙ୍କୁ ପାଠ ପଢାଇ ପାରିଲେ ନାହିଁ । ମୋହନ ମାଆ ର ଚ଼ିକିତ୍ସା ପାଇଁ ଦାଦନ ଯାଇଥିବା ବେଳେ ୨ ଝିଅ ପର ଘରେ ମୂଲ ଲାଗୁଛନ୍ତି । ବର୍ତମାନ ସ୍ଥିତି ଅତି ଦୟନିୟ ଅବସ୍ଥାରେ ଥିବାରୁ ପଦ୍ମେ କୁ ଅନ୍ୟ କେଉଠି ନେଇ ଚ଼ିକିତ୍ସା କରି ପାରୁ ନାହାନ୍ତି । ୪ ବର୍ଷ ପୂର୍ବ? ପାଦର ଡାହାଣ ଗୋଡ ଆଣ୍ଠୁ ପାଖରେ ଦରଦ ହୋଇ ଫୁଲି ଯାଇ ଧିରେଧିରେ ଅଂଟା ଠାରୁ ଆଉ ତଳକୁ କାମ କଲା ନାହିଁ । ସେ ନିଜେ ଉଠା ବସା କରି ପାରିଲେ ନାହିଁ । ପରିବାର ଲୋକେ ଜିଲ୍ଲା ତଥା ଜିଲ୍ଲା ବାହାର ଡାକ୍ତଖାନାକୁ ନେଇ ଚ଼ିକିତ୍ସା କଲେ ମଧ ଭଲ ହେଲା ନାହିଁ । ଶେଷରେ ଶଯ୍ୟାଶାୟୀ ହୋଇ ଘରେ ପଡି ରହିଛନ୍ତି । ଏ ସଂକ୍ରାନ୍ତରେ କୋମନା ବିଡିଓଙ୍କୁ ପଚ଼ାରିବାରୁ ପଦ୍ମେ ର ବିକଳାଙ୍ଗ ସାର୍ଟିଫିକେଟ ତିଆରି କରି ମଧୁବାବୁ ପେନସନ ଯୋଜନାରେ ସାମିଲ କରି ଦିଆଯିବ ଓ ଆବଶ୍ୟକ ଚ଼ିକିତ୍ସା ପାଇଁ କଣ ସବୁ ଦରକାର ତଦନ୍ତ କରି ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଅତ୍ୟନ୍ତ ଗରିବ ପରିବାର ହୋଇ ଥିବାରୁ ଆବଶ୍ୟକ ଚ଼ିକିତ୍ସା କରି ପାରୁ ନାହାନ୍ତି। ପଦ୍ମେ ଶର୍ଯ୍ୟାଶାୟୀ ହେଲେ ପରେ ଝିଅପୁଅର ପାଠ ପଢା ମଧ ଅଧାରୁ ବନ୍ଦ ହୋଇ ଗଲା । ଏସବୁକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଝିଅପୁଅଙ୍କ ପାଠ ପଢା, ଆବଶ୍ୟକ ଚ଼ିକିତ୍ସା ଓ ପଦ୍ମେଙ୍କୁ ବିକଳାଙ୍ଗ ଭତ୍ତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ।

# କୋଷ୍ଟଗାର୍ଡ ତରଫରୁ ମତ୍ସ୍ୟଜୀବୀଙ୍କୁ ସଚେତନତା



ଅସ୍ତରଙ୍ଗ,(ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନୂଆଗଡ ସାମୁଦ୍ରିକ ଥାନା ପରିସରରେ କୋଷ୍ଟ ଗାର୍ଡ ତରଫରୁ ଅସ୍ତରଙ୍ଗ ଅଞ୍ଚଳ ମତ୍ସ୍ୟଜୀବୀ ମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୂଆଗଡ ସାମୁଦ୍ରିକ ଥାନାଧିକାରୀ ରାଜେଶ ବଳିୟାରସିଂ, କୋଷ୍ଟଗାର୍ଡ ପ୍ରଧାନଅଧିକାରୀ ଦିନେଶ କୁମାର ମହାନ୍ତି, କୋଷ୍ଟଗାର୍ଡ ପ୍ରଧାନନାବିକ କେ. ଭି. ସି ଶେଖର, ନୂଆଗଡ ସାମୁଦ୍ରିକ ଏ। ଏସ. ଆଇ ସନ୍ତୋଷ ଜେନା ଙ୍କ ଉପସ୍ଥିତି ରେ ନୂଆଗଡ ସାମୁଦ୍ରିକ ଥାନା ପରିସରରେ ଅସ୍ତରଙ୍ଗ ଅଂଚ଼ଳର ମତ୍ସ୍ୟଜୀବୀ ମାନେ ସମୁଦ୍ର ମଧ ମାଛ ଧରିବାକୁ ଗଲେ ଲାଇଫଜ୍ୟାକେଟ, ଅଚ଼ିନ୍ହା ଯୁବକ ତଥା ଆତଙ୍କବାଦୀ ସନ୍ଦେହ ହେଲେ ତୁରନ୍ତ ସାମୁଦ୍ରିକ ଥାନାକୁ ସୂଚ଼ନା ଦେବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସତର୍କ ସୂଚ଼ନା ଦିଆଗଲେ ସମୁଦ୍ର କୁ ନ ଯିବା ସହ ଅନେକ ସଚେତନତପରେ କୋଷ୍ଟ ଅଧିକାରୀଙ୍କ ସହ ଉପସ୍ଥିତ ଅତିଥି ମତ ଦେଇଥିଲେ।ଏହି ସଚେତନତା କାର୍ଯ୍ୟକ୍ରମ ରେ ସ୍ଥାନୀୟ ମତ୍ସ୍ୟଜୀବୀ ଖୁସି ହୋଇଥିଲେ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ନିର୍ମାଣଧୀନ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ପ୍ରକଳ୍ପର ପୁରୁଣାପାଣି-ସୋନପୁର ରେଳ ସେକ୍ସନ ନିରୀକ୍ଷଣ

ଭୁବନେଶ୍ୱର,(ପି.ଏନ):ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଆଜି ନିର୍ମାଣଧୀନ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ପ୍ରକଳ୍ପର ପୁରୁଣାପାଣି-ସୋନପୁର ରେଳ ସେକ୍ସନ ନିରୀକ୍ଷଣ କରି ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ ସମ୍ପର୍କରେ କାର୍ଯ୍ୟରତ ଅଧିକାରୀ ମାନଙ୍କ ଠାରୁ ନିର୍ମାଣ କାର୍ଯ୍ୟ ପଚ଼ାରି ବୁଝିଛନ୍ତି । ତେଲ ନଦୀ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ମାଣଧୀନ ରେଳ ବ୍ରିଜ୍ ମଧ ଶ୍ରୀ ଶର୍ମାଙ୍କ ଦ୍ୱାରା ଯାଞ୍ଚ କରାଯାଇଛି । ଯାଞ୍ଚ ସମୟରେ ଶ୍ରୀ ଶର୍ମା ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ଶୀଘ୍ର ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ପୁରୁଣାପାଣି ଏବଂ ସୋନପୁରରେ ନୂତନ ଷ୍ଟେସନ୍ ବିଲଡିଂ ଯାଞ୍ଚ କରି ଶ୍ରୀ ଶର୍ମା ଯାତ୍ରୀମାନଙ୍କ ଆରାମ ପାଇଁ ବହୁ ଆବଶ୍ୟକ କରୁଥିବା ପରୀକ୍ଷେତ୍ର ଅଞ୍ଚଳ, କନକୋର୍ସ, ପ୍ଲାଟଫର୍ମ ଆଲୋକ, ପ୍ରତୀକ୍ଷା କକ୍ଷ, ଶୌଚ଼ାଳୟ ଇତ୍ୟାଦି ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ । ରେଳ ବ୍ୟବହାରକାରୀଙ୍କ ସୁବିଧା ପାଇଁ ସଡକ ସଂଯୋଗରେ ଉନ୍ନତି ଆଣିବା ପାଇଁ ମହାପ୍ରବନ୍ଧକ ମଧ ରାଜ୍ୟ ସରକାରୀ କର୍ମଚ଼ାରୀଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।ଶ୍ରୀ ଶର୍ମା ମହାନଦୀର ଏକ ଉପନଦୀ ତେଲ ନଦୀ ଉପରେ ନିର୍ମାଣାଧୀନ ଅତି ଗୁରୁତ୍ୱପୂର୍ଣ୍ଣ ପୋଲକୁ ମଧ ନିରୀକ୍ଷଣ କରିଥିଲେ । ତେଲ ନଦୀର ପ୍ରାକୃତିକ ଜଳ ପ୍ରବାହ ବ୍ୟତୀତ ମହାନଦୀର ପଛୁଆ ଜଳ ତେଲ ନଦୀରେ ପ୍ରବେଶ କରୁଥିବାରୁ ଏହି ନଦୀ ଉପରେ ପୋଲ ନିର୍ମାଣ କାର୍ଯ୍ୟ ରେଳବାଇ ପାଇଁ ଏକ ଆହ୍ୱାନ ଅଟେ । ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବାଇଷ୍ଣବ ଓଡ଼ିଶାରେ ଚ଼ାଲୁରହିଥିବା ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟ ସହିତ ଏହି ଅଞ୍ଚଳର ରେଳ ଭିତ୍ତିଭୂମି ବିକାଶ ପାଇଁ ପ୍ରାଥମିକତା ଦେଉଛନ୍ତି ଏବଂ ବିକାଶମୂଳକ କାର୍ଯ୍ୟ ଉପରେ ମଧ ନିରନ୍ତର ନଜର ରଖିଛନ୍ତି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ହେଉଛି ପ୍ରାଥମିକ ଦିଆଯାଉଥିବା ଏକ ସାର୍ବଜନୀନ କୈନ୍ଦ୍ରିକ ପ୍ରକଳ୍ପ, ଯାହାକୁ ସର୍ବୋଚ୍ଚ କର୍ତ୍ତୃପକ୍ଷ ନିୟମିତ ଭାବରେ ତଦାରଖ କରୁଛନ୍ତି । ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଏହି ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବ ଏବଂ ପଶ୍ଚିମ ଓଡିଶା ଏବଂ ଉପକୂଳ ଓଡିଶା ମଧରେ ସାମାଜିକ-ସାଂସ୍କୃତିକ ସଂଯୋଗକୁ ବୃଦ୍ଧି କରିବ । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ୩୦୧ କିଲୋମିଟର ଦୈର୍ଘ୍ୟ ମଧରୁ ମୋଟ ୧୪୨.୫ କିଲୋମିଟର କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇଛି, ସେଥିମଧରୁ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ପ୍ରାୟ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ଖମ୍ବେଶ୍ୱରପାଲି ପର୍ଯ୍ୟନ୍ତ ୩୬.୭ କିଲୋମିଟର ଦୂରତା ଅନ୍ତର୍ଭୁକ୍ତ । ୨୦୨୩-୨୪ ଆର୍ଥିକ ବର୍ଷରେ ଖମ୍ବେଶ୍ୱରପାଲି ଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୮୪ କିଲୋମିଟର ଦୈର୍ଘ୍ୟ ରେଳ ଲାଇନକୁ ସମ୍ପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ଲକ୍ଷ୍ୟ ରଖିଛି । ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଶ୍ରୀ ପି ଶ୍ରୀନିବାସ, ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଭିନୀତ ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମହାପ୍ରବନ୍ଧକ ଶ୍ରୀ ଶର୍ମାଙ୍କ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ ।

# ଡିସିବି ବ୍ୟାଙ୍କ ତରଫରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ



ସେମିଳିଗୁଡା,(ପି.ଏନ):କୋରାପୁଟ ଜିଲ୍ଲାର ସେମିଳିଗୁଡାସ୍ଥିତ ଡିସିବି ବ୍ୟାଙ୍କ ତରଫରୁ ବିଶ୍ୱ ନାଗରିକ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ବ୍ୟାଙ୍କଠାରେ ବ୍ୟାଙ୍କ ପରିଚ଼ାଳକ ଶ୍ରୀ ସନ୍ତୋଷ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା ।ଏହି ସଭାରେ ସର୍ବ ପ୍ରଥମେ ଶ୍ରୀ ପଣ୍ଡା ନିମନ୍ତ୍ରିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ବ୍ୟାଙ୍କ ତରଫରୁ ସ୍ୱାଗତ କରିଥିଲେ ।ଏହାପରେ ବରିଷ୍ଠ ଦମ୍ପତି ଡକ୍ଟର ଚ଼ିତ୍ତରଞ୍ଜନ ମିଶ୍ର, ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର, ମହେଶ୍ୱର ଚୌଧୁରୀ,ବିପିନ ମହାରଣା ପ୍ରମୁଖ କେକ୍ କାଟି ପାଳନ କରିଥିଲେ। ଶ୍ରୀ ପଣ୍ଡା ବରିଷ୍ଠ ନାଗରିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା, ଜମା, ବିଷୟରେ ବୁଝାଇଥିଲେ ।ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟର ଯତ୍ନ ବିଷୟରେ ଆଲୋଚ଼ନା ହୋଇଥିଲା ।ବ୍ୟାଙ୍କ ଡିଆରଏମ୍ ସୁଧାଂଶୁ ଖରା ଧନ୍ୟବାଦ ଅର୍ପଣ କରିଥିଲେ ।ବ୍ୟାଙ୍କର ଜିତୁ ବିଶୋଇ ଓ ଅନ୍ୟାନ୍ୟ କର୍ମଚ଼ାରୀବୃନ୍ଦ ସହଯୋଗ କରିଥିଲେ।

# ସିଏସ୍ଏମ୍ ଟେକ୍ନୋଲୋଜି ଜିତିଲା ବିଡବ୍ଲ୍ୟୁ ବେଷ୍ଟ ଏମର୍ଜିଂ ବିଜିନେସ୍ ଆୱାର୍ଡ

ନୂଆଦିଲ୍ଲୀ/ଭୁବନେଶ୍ୱର,(ପି.ଏନ): ୨୪ ଅଗଷ୍ଟ, ୨୦୨୩: ଆଫ୍ରିକା, ଦୁବାଲ, ୟୁଏସଏ ଓ କାନାଡାରେ ବ୍ୟବସାୟ କରୁଥିବା ଭାରତୀୟ ଆଇଟି ମଲ୍ଟିନେସନାଲ କମ୍ପାନି, ଭୁବନେଶ୍ୱରଭିତ୍ତିକ ସିଏସ୍ଏମ୍ ଟେକ୍ନୋଲୋଜି, ଏସ୍ଏମ୍ଇ ୱାର୍ଲ୍ଡ ସହଯୋଗରେ ବିଜିନେସ୍ ୱାର୍ଲ୍ଡ ଦ୍ୱାରା ଆୟୋଜିତ ପଂଚ଼ମ ସଂସ୍କରଣ ବିଡବ୍ଲ୍ୟୁ ଏମର୍ଜିଂ ବିଜନେସେସ୍ ଆୱାର୍ଡ ବିଜୟୀ ହୋଇଛି ।ବିକାଶଶୀଳ ଉଦ୍ୟୋଗ ଦ୍ୱାରା ସର୍ବୋତମ ଉତ୍ପାଦ ଓ ସେବା ବର୍ଗରେ ସିଏସ୍ଏମ୍ ଟେକ୍ନୋଲୋଜି ବେଷ୍ଟ ଏମର୍ଜିଂ ବିଜିନେସ୍ ଇନ୍ ଇଣ୍ଡିଆ ପୁରସ୍କାର ବିଜୟୀ ହୋଇଛି । ନୂଆଦିଲ୍ଲୀରେ ଆୟୋଜିତ ଉତ୍ସବରେ ବିଡବ୍ଲ୍ୟୁ ବିଜିନେସ୍ ୱାର୍ଲ୍ଡ ଗ୍ରୁପର ଅଧକ୍ଷ ତଥା ଏଡିଟର-ଇନ-ଚ଼ିଫ୍ ଏବଂ ରଘମଷବଭଶରଏଈକରୟସବ ଗ୍ରୁପର ପ୍ରତିଷ୍ଠାତା ତଥା ଏଡିଟର-ଇନ୍-ଚ଼ିଫ୍ ଡକ୍ଟର ଅନୁରାଗ ବାତ୍ରାଙ୍କଠାରୁ ସିଏସ୍ଏମ୍ ଟେକ୍ନୋଲୋଜିର ମାର୍କେଟିଂ କମ୍ୟୁନିକେସନ ସ୍ୱ ?ସାଲିଷ୍ଟ ତପସ୍ୱିନୀ ସ୍ୱାଇଁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।ଏହି ସଫଳତା ସମ୍ପର୍କରେ ମତପୋଷଣ କରି ସିଏସ୍ଏମ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ଓ ସିଇଓ ପ୍ରିୟଦର୍ଶୀ ନାନୁ ପାଣି କହିଛନ୍ତି, "ସିଏସ୍ଏମ୍ ଟେକ୍ନୋଲୋଜିର ସମସ୍ତ ସଦସ୍ୟଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ । ଡିଜିଟାଲ ଗଭର୍ଣ୍ଣନ୍ସ କ୍ଷେତ୍ରରେ କମ୍ପାନି ଏକ ଅଗ୍ରଦୂତ ସାଜିଛି । ଆମର ସଲ୍ୟୁସନଗୁଡ଼ିକ ନାଗରିକ କୈନ୍ଦ୍ରିକ ଡେଲିଭରୀ, ଗ୍ରାହକ ବିଶ୍ୱାସ ଓ ବ୍ୟବସାୟ ପ୍ରକ୍ରିୟା ରିଇଞ୍ଜିନିୟରିଂରେ ନୂଆ ଉଦାହରଣ ସୃଷ୍ଟି କରିଛି। ବିଜିନେସ ୱାର୍ଲ୍ଡ ଭଳି ଏକ ଜାତୀୟସ୍ତରର ସମ୍ମାନଜନକ ମିଡିଆ ହାଉସ୍ ପକ୍ଷରୁ ମିଳିଥିବା ଏ ହିଁ ସ୍ୱୀକୃତି ଆଗାମୀ ଦିନରେ ଆମକୁ ବ୍ୟାପକରୁ ବ୍ୟାପକ ସୃଜନଶୀଳତା ଆଣିବା ଦିଗରେ ପ୍ରୋତ୍ସାହିତ କରିବ ।"ବିଜେତାମାନଙ୍କୁ ଡିଜିଟାଲ ଇଣ୍ଡିଆ ଫାଉଣ୍ଡେସନର ସହ-ପ୍ରତିଷ୍ଠାତା ତଥା ମୁଖ୍ୟ ଡକ୍ଟର ଅରବିନ୍ଦ ଗୁପ୍ତା, ଇଣ୍ଡିଆ ଏସ୍ଏମ୍ଇ ଫୋରମର ମହାନିର୍ଦ୍ଦେଶକ ସୁଷମା ମୋର୍ଥାନିଆ, ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ପୋରେଟ ଆକାଉଂଟସ ଗ୍ରୁପର ଉପ ପରିଚ଼ାଳନା ନିର୍ଦ୍ଦେଶକ ସୁନିଲ ଶ୍ରୀବାସ୍ତବଙ୍କ ଭଳି ଜଣାଶୁଣା ଶିଳ୍ପ ବିଶେଷଜ୍ଞ ଓ ବ୍ୟବସାୟିକ ନେତୃବୃନ୍ଦ ଚ଼ୟନ କରିଛନ୍ତି । ବିଡବ୍ଲ୍ୟୁ ବିଜନେସ ୱାର୍ଲ୍ଡ ଗ୍ରୁପର ଅଧକ୍ଷ ତଥା ଏଡିଟର-ଇନ୍-ଚ଼ିଫ୍ ଏବଂ exchange 4media ଗ୍ରୁପର ପ୍ରତିଷ୍ଠାତା ତଥା ଏଡିଟର-ଇନ-ଚ଼ିଫ୍ ଡକ୍ଟର ଅନୁରାଗ ବାତ୍ରା କହିଛନ୍ତି, "ମହାମାରୀ ପରବର୍ତୀ ସମୟରେ ଏମ୍ଏସ୍ଏମ୍ଇ କ୍ଷେତ୍ର ଦେଶର ସର୍ବୋତମ ଅଭିବୃଦ୍ଧି ଇଞ୍ଜିନରେ ପରିଣତ ହୋଇଥିଲା, ଯାହାକି ନିକଟ ଅତୀତରେ ବେଶ ଉନ୍ନତି ପରିଲକ୍ଷିତ କରିଛି ଏବଂ ନିଜର ପାରମ୍ପରିକ ପଦ୍ଧତିରୁ ଟେକ୍ନୋଲୋଜି ପରିଚ଼ାଳିତ ହୋଇଛି । ବର୍ତମାନ ଏମ୍ଏସ୍ଏମଇ କ୍ଷେତ୍ର ଦେଶର କ୍ଷମତା ବୃଦ୍ଧି ସହ ଭାରତକୁ ନିଜର ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ଲକ୍ଷ୍ୟ ଦିଗରେ ନେବାରେ ଏକ ପ୍ରମୁଖ ଚ଼ାଳକ ଭାବେ କାମ କରିବ ବୋଲି ଆଶା କରାଯାଉଛି । ଏହି ପୁରସ୍କାର ହେଉଛି ଭାରତର ଏସ୍ଏମଇଗୁଡ଼ିକର କଠିନ ପରିଶ୍ରମ ଓ ନିଷ୍ଠାପରତାର ସମ୍ମାନଜନକ ସ୍ୱୀକୃତି । ଏମାନେ ଭାରତୀୟ ଅର୍ଥନୀତିର ସୁଦୃଢ଼ତା ଓ ପୁନଃଉତଥାନର ପ୍ରତୀକ ।" ଏହି ପୁରସ୍କାର ସମାରୋହରେ ବିଜିନେସ ଲିଡର, ସରକାରୀ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ୫୦୦ରୁ ଅଧିକ ଅତିଥି ଯୋଗଦାନ କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray